ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.230 Bhubaneswar Saturday October 21 2023 | ୨୬ତମ ବର୍ଷ ସଂଖ୍ୟା–୨୩୦ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଷ୍ଟେସନ୍‌ରେ ନଅଟକିବାରୁ ଦୁଇ ଛୁଆଙ୍କୁ ଧରି ଟ୍ରେନ୍‌ରୁ ଡେଇଁ ପଡିଲେ ମହିଳା

ଭୁବନେଶ୍ୱର,୨୦।୧୦(ପି.ଏନ): ପାସେଞ୍ଜର ଟ୍ରେନ୍ ଭାବି ଏକ୍ସପ୍ରେସ୍‌ରେ ଚଢ଼ି ଯାଇଥିଲେ। ହେଲେ ନିରଦ୍ଦିଷ୍ଟ ଷ୍ଟେସନ୍‌ରେ ନଅଟିବାରୁ ଦୁଇ ଛୁଆଙ୍କୁ ଧରି ଟ୍ରେନ୍‌ରୁ ପ୍ଲାଟଫର୍ମକୁ ଡେଇଁ ପଡିଥିଲେ ମହିଳା। ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଛୁଆ ସୁରକ୍ଷିତ ଅଛନ୍ତି। ଆଜି ସନ୍ଧ୍ୟାବେଳେ ଏପରି ମର୍ମନ୍ତୁଦ ଦୁର୍ଘଟଣା ବଲାଙ୍ଗିର ଜିଲ୍ଲାରେ ଘଟିଛି। ଦେଓଗାଁ ଥାନା ଜରାସିଂହା ଗାଁ ଝରଣା ମହାନନ୍ଦ କୌଣସି କାମରେ ନିଜର ଦୁଇ ଝିଅଙ୍କୁ ଧରି ବଲାଙ୍ଗିର ଯାଇଥିଲେ। କାମ ସାରିବା ପରେ ବଲାଙ୍ଗିର ରେଳ ଷ୍ଟେସନକୁ ଆସିଥିଲେ। ଘରକୁ ଘେରିବା ପାଇଁ ଦୀର୍ଘ ସମୟ ଧରି ପାସେଞ୍ଜର ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଷ୍ଟେସନ୍‌ରେ କିଛି ସମୟ ବସିବା ପରେ ଦୀନଦୟାଲ୍ ଉପାଧ୍ୟାୟ ବିଶାଖାପାଟଣା ସୁପରଫାଷ୍ଟ ଟ୍ରେନ୍ ଆସିଥିଲା।



## ବଙ୍ଗୋପ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

ଭୁବନେଶ୍ୱର, ୨୦ ଅକ୍ଟୋବର (ହି.ସ.)– ଦକ୍ଷିଣ-ପଶ୍ଚିମ ଏବଂ ତତ୍ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ୨୩ ତାରିଖ ବେଳକୁ ଏହା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ । ଯାହାର ପ୍ରଭାବରେ ୨୩ ଓ ୨୪ ତାରିଖ ବେଳକୁ ଓଡ଼ିଶାରେ ବର୍ଷାର ପରିମାଣ ସାମାନ୍ୟ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଶନିବାର ହେବ ଗଗନୟାନ ମିଶନର ପ୍ରଥମ ପରୀକ୍ଷଣ




ନୂଆଦିଲ୍ଲୀ,୨୦।୧୦(ପି.ଏନ): ଶନିବାର ଦିନ ଗଗନୟାନ ମିଶନର ପ୍ରଥମ ପରୀକ୍ଷଣ। ସକାଳ ୮ରେ ଆନ୍ଧ୍ରପ୍ରଦେଶ ସ୍ଥିତ ଶ୍ରୀହରିକୋଟା ଲଞ୍ଚିଂ ପ୍ୟାଡରେ ଏହାର ପ୍ରଥମ ପରୀକ୍ଷଣ କରାଯିବ। ଏହି ପରୀକ୍ଷଣଟି ୯ମିନିଟ ପର୍ଯ୍ୟନ୍ତ ଚାଲିବ। ଅନ୍ତରୀକ୍ଷକୁ ମଣିଷକୁ ପଠାଇବା ପୂର୍ବରୁ ଇସ୍ରୋ ପକ୍ଷରୁ ଗଗନାୟନ ମିଶନର ଟେଷ୍ଟ କରିବାକୁ ଯାଉଛି।ଏହି ମିଶନରେ ୩ଜଣଙ୍କୁ ୪୦୦ କିମି କକ୍ଷ ପଥକୁ ପଠାଯିବ। ଯାହାକି ୩ଦିନ ପର୍ଯ୍ୟନ୍ତ ଚାଲିବ। ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଆଣାଯିବ। ଏହି ମିଶନର ଲ୍ୟାଣ୍ଡିଂ ସମୁଦ୍ର ମଧ୍ୟରେ କରାଯିବ। ଉତକ୍ଷେପଣର ୬୦ ସେକେଣ୍ଡ ପରେ ପରୀକ୍ଷଣ ଯାନ କ୍ରୁ ଏକ୍ସପୋର୍ଟ ସିଷ୍ଟମ ସହିତ ୧୧.୭ କିମି ଉଚ୍ଚତା ଉପରୁ ବାହନ ଠାରୁ ଅଲଗା ହୋଇଯିବ।ଆଗାମୀ ୩୦ ସେକେଣ୍ଡ ପରେ ସିଇଏମ-ସିଏଏସ ୧୪୮.୭ ମିଟର ସେକେଣ୍ଡ ବେଗରେ ୧୬.୭ କିମି ଉଚ୍ଚତା ଉପରେ ଅଲଗା ହୋଇଯିବ। ଏନେଇ ଇସ୍ରୋ ପକ୍ଷରୁ ସୂଚନା ଦେଇଛନ୍ତି।

## ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଦଶହରା ଉପହାର, ବଢ଼ିଲା ମହଙ୍ଗା ଭତ୍ତା

ଭୁବନେଶ୍ୱର,୨୦।୧୦(ପିଏନ):ଦଶହରା ସମୟରେ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ମିଳିଲା ଖୁସି ଖବର। ବଢ଼ିଲା ମହଙ୍ଗା ଭତ୍ତା। ସେମାନଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ୪% ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୨%ରୁ ୪୬%କୁ ବଢ଼ିଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନସନ୍‌ଭୋଗୀ ଉପକୃତ ହେବେ।




## ରୋଗର କାରଣ ଖୋଜିବା ପାଇଁ ଭୁବନେଶ୍ୱରରୁ ଗଲା ମେଡିକାଲ୍ ଟିମ୍

ଭୁବନେଶ୍ୱର,୨୦।୧୦(ପି.ଏନ):କାହିଁକି ଯାଉଛି ଜୀବନ କେଉଁ କାରଣରୁ ଅଦିନରେ ଚାଲି ଯାଉଛି ଲୋକଙ୍କ ଜୀବନ କେଉଁ ରୋଗରୁ ଲୋକଙ୍କ ମୃତ୍ୟୁ ହେଉଛି ୧୦ରୁ ଅଧିକ ଲୋକଙ୍କ ଜୀବନ ଯିବା ପରେ ଆଜି ଭୁବନେଶ୍ୱରରୁ ୫ ଜଣିଆ ମେଡିକାଲ୍ ଟିମ୍ କେନ୍ଦୁଝର ଯାଇଛି। ସେମାନେ ରୋଗର କାରଣ ଓ ନିରାକଣ ନେଇ ଲୋକଙ୍କୁ ପରାମର୍ଶ ଦେବେ ବୋଲି ଜଣାପଡିଛି।କେନ୍ଦୁଝର ବାଂଶପାଳ ବ୍ଲକ ଗୋନାସିକାର ଜନ୍ତାରୀ ଜୁଆଙ୍ଗ ବସ୍ତିରେ ଅଜଣା ରୋଗରେ ମାସକ ଭିତରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିସହ ବହୁ ଲୋକ ଜ୍ୱରରେ ପୀଡିତ ହୋଇ ଘରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଖବର ଗଣମାଧମରେ ପ୍ରକାଶ ପାଇବା ପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଆଜି ଗାଁରେ ପହଞ୍ଚିଛି ମେଡିକାଲ୍ ଟିମ୍। ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପିଏ-ଆଇଟିଡିଏ, ସ୍ୱାସ୍ଥ୍ୟ ଅଧିକାରୀ, ଜୁଆଙ୍ଗ ଉନ୍ନୟନ ସଂସ୍ଥା ତଥା ସିଡିପିଓ ଗାଁରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।



### ରାଜ୍ୟରେ ବସ୍ ଚଳାଚଳ ଠପ୍, ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର, ୨୦।୧୦(ପି.ଏନ): ରାଜ୍ୟରେ ବସ୍ ଚଳାଚଳ ଠପ୍ ହୋଇଛି। ଶୁକ୍ରବାର ସକାଳୁ ଘରୋଇ ବସ୍ ମାଲିକ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟକୁ ଓହ୍ଲାଇଛି। ଫଳରେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି । ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବିଭିନ୍ନ ବସଷ୍ଟାଣ୍ଡରେ ଅଟକି ରହିଛନ୍ତି ଶହଶହ ଯାତ୍ରୀ । ସରକାରୀ ବସ୍ କୁ ଚାହିଁ ବସିଛନ୍ତି ଯାତ୍ରୀ ।ଭୁବନେଶ୍ୱର ବସଷ୍ଟାଣ୍ଡରେ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢିଛି । ବରମୁଣ୍ଡା ବସଷ୍ଟାଣ୍ଡରେ ଭୋକ ଉପାସରେ ବସକୁ ଚାହିଁ ବସିଛନ୍ତି ଯାତ୍ରୀ। କିଏ ରାତିରୁ ବସକୁ ଅପକ୍ଷୋ କରିଛି ତ ଆଉ କିଏ ପ୍ରାଇଭେଟ୍ ଗାଡି ବୁକ୍ କରି ଖର୍ଚ୍ଚାନ୍ତ ହେଉଛି । ପୂଜା ପାଇଁ ଶହଶହ ଲୋକ ବାହାରୁ ଫେରୁଛନ୍ତି କିମନ୍ତୁ ବସ୍ ନମିଳିବାରୁ ସେମାନେ ସମସ୍ୟାରେ ପଡିଛନ୍ତି । କଟକ, ପୁରୀ, ଯାଜପୁର, ଭଦ୍ରକ, ଜୟପୁରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ଯାଜପୁରରେ କେବଳ ଅନଲାଇନ୍ ବୁକିଂ ବାଲାଙ୍କୁ ନେଉଛି ସରକାରୀ ବସ୍ । ଫଳରେ ଅନ୍ୟଯାତ୍ରୀମାନେ ସମସ୍ୟାରେ ପଡିଛନ୍ତି । ବସ୍ ଧର୍ମଘଟ ଯୋଗୁ ମାଲକାନଗିରିରେ ପ୍ରବଳ ଭିଡ

### ପାରା ଆଥଲେଟ୍ ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧୦(ପି.ଏନ): ଏସିଆନ ପାରା ଗେମ୍ସରେ ଭାଗନେବାକୁ ଥିବା ଆଥଲେଟ୍ସଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୭ ଜଣ ଓଡ଼ିଆ ଆଥଲେଟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଁଏ ସହାୟତା ଘୋଷଣା କରିଛନ୍ତି। ଆସନ୍ତା ୨୨ରୁ ଚୀନର ହାଙ୍ଗଝୌରେ ଆରମ୍ଭ ହେଉଛି ଏସିଆନ ପାରା ଗେମ୍ସ ସେଠାରେ ସଫଳତା ପାଇଁ ଶୁଭକାମନା ଜଣାଇଲେ ନବୀନ।ଓଡ଼ିଶାରୁ ପ୍ରମୋଦ ଭଗତ, ଜୟନ୍ତୀ ବେହେରା, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ରଖଲ କୁମାର ସେଠୀ, ଭି ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ପୁଜାସ୍ୱିନୀ ନାୟକ ଏସିଆନ ପାରା ଗେମ୍ସରେ ଭାଗ ନେବେ ।

## ସାଲିଆସାହିରେ ଚାଲିଥିଲା ଦେଶୀ ମଦ ପ୍ରସ୍ତୁତି, ଅବକାରୀ ବିଭାଗର ଚଢାଉ, ୧୫ ଗିରଫ

ଭୁବନେଶ୍ୱର, ୨୦।୧୦(ପି.ଏନ): ବେଆଇନ ମଦ କାରବାରର ପର୍ଦ୍ଦାଫାସ କରିଛି ଅବକାରୀ ବିଭାଗ। ଭୁବନେଶ୍ୱର ସାଲିଆସାହିରୁ ଶହ ଶହ ଲିଟର ରନ୍ଧା ଦେଶୀ ମଦ ଜବତ ହୋଇଛି। ଘଟଣାସ୍ଥଳରୁ ବିଭିନ୍ନ ମଦ ପ୍ରସ୍ତୁତକାରୀ ସାମଗ୍ରୀ ଜବତ କରିବା ସହ ଅବକାରୀ ବିଭାଗ ଘଟଣାରେ ୧୫ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି।ପାର୍ବଣ ପୂର୍ବରୁ ଆକ୍ସନ ମୋଡ୍ କୁ ଆସିଛି ଅବକାରୀ ବିଭାଗ। ଦଶହରା ଓ କୁମାରପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ସାଲିଆ ସାହିରେ ମଦ ରନ୍ଧା ଚାଲିଥିବା ବେଳେ ଅବକାରୀ ବିଭାଗ ଖବର ପାଇ ଚଢାଉ କରିଥିଲା। ସେଠାରୁ ୧୦ ହଜାର ଲିଟର ପୋଚ ଓ ୧ ହଜାର ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ଥାନା। ଏହାସହ ମଦ ପ୍ରସ୍ତୁତ ପାଇଁ ସମସ୍ତ ସାମଗ୍ରୀ ମଧ୍ୟ ଜବତ କରିଛି। ଏଥିରେ ସମ୍ପୃକ୍ତ ୧୫ ଜଣଙ୍କୁ ଗିରଫ କରାଯାଇଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ପୂଜା ପାଇଁ ଏତେ ବ୍ୟାପକ ପରିମାଣର ମଦ ତିଆରି ଚାଲିଥିବା ସେମାନେ ସ୍ୱୀକାର କରିଛନ୍ତି। ଆଗକୁ କୁମାର ପୂର୍ଣ୍ଣିମା ଥିବା ବେଳେ ଦେଶୀ ମଦର ଡିମାଣ୍ଡକୁ ଦୃଷ୍ଟିରେ ରଖି ତିଆରି ଚାଲିଥିବା ଜଣାପଡିଛି।

## ବରମୁଣ୍ଡା ଟ୍ରିପଲ ମର୍ଡର ଘଟଣାର ୨୭ ବର୍ଷ ପରେ ରାୟ , ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର, ୨୦।୧୦(ପି.ଏନ): ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡା ଅଂଚଳର ବହୁଚର୍ଚ୍ଚିତ ଟ୍ରିପଲ ମର୍ଡର ଘଟଣାର ରାୟ ୨୭ ବର୍ଷ ପରେ ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ-୨ ଶୁକ୍ରବାର ଦିନ ଏହି ମାମଲାର ବିଚାର କରି ୩ ଜଣ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ଅଭିଯୁକ୍ତ ରୁଦ୍ର, ଜିତୁ ଓ ଚିତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।ମାମଲାର ବିବରଣୀରୁ ଜଣାଯାଏ ଯେ, ଭୁବନେଶ୍ୱରର ବରମୁଣ୍ଡାରେ ୧୯୯୬ ମସିହା ଜୁଲାଇ ୧୧ ତାରିଖ ଦିନ ତିନି ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୂର୍ବ ଶତ୍ରୁତାରୁ ବିଶ୍ୱଜିତ ନାୟକ, ଦିଲ୍ଲୀପ ରାୟ ଓ ଶାରଦା ରଥଙ୍କୁ ରୁଦ୍ର, ଜିତୁ ଓ ଚିତ ହତ୍ୟା କରିଥିଲେ। ସେଦିନ ବରମୁଣ୍ଡା ସମେତ ପୂରା ଭୁବନେଶ୍ୱରରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୁଲିସ ତଦନ୍ତରୁ ଖୁଲାସା ହୋଇଥିଲା।

## ମହୁଆଙ୍କ ପାଲଟା ଅଭିଯୋଗ: ହୀରାନନ୍ଦାନୀଙ୍କ ଉପରେ ଚାପ ପକେଇ ତିଆରି ହୋଇଛି ସତ୍ୟପାଠ !

ଭୁବନେଶ୍ୱର,୨୦।୧୦(ପି.ଏନ): ଦର୍ଶନ ହୀରାନନ୍ଦାନୀଙ୍କ ସତ୍ୟପାଠ ପରେ ଆସିଲା ତୃଣମୂଳ ସାଂସଦ ମହୁଆ ମୋଇତ୍ରଙ୍କ ପ୍ରତିକ୍ରିୟା। ଦୁଇ ପୃଷ୍ଠାର ଏକ ବିବୃତ୍ତିରେ ପ୍ରଶ୍ନ ବାଣ ମାରିଛନ୍ତି ମହୁଆ। ହୀରାନନ୍ଦାନୀଙ୍କ ସତ୍ୟପାଠକୁ ପ୍ରତ୍ୟାଖ୍ୟାନ କରି ମହୁଆ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ହୀରାନନ୍ଦାନୀଙ୍କ ମୁଣ୍ଡରେ 'କଥାର ବନ୍ଧୁକ' ରଖି ସାଦା କାଗଜରେ ଦସ୍ତଖତ କରାଇଛି।ମହୁଆ ସୋଶାଲ ମିଡିଆରେ ଦୁଇ ପୃଷ୍ଠାର ପ୍ରେସ୍ ରିଲିଜ୍ ଶେଆର୍ କରି ଅଭିଯୋଗ କରି କହିଛନ୍ତି, ହୀରାନନ୍ଦାନୀଙ୍କ ନାମରେ ପ୍ରକାଶ ପାଇଥିବା ସତ୍ୟପାଠ ସମ୍ପୂର୍ଣ୍ଣ ଭିତ୍ତିହୀନ। ତାଙ୍କ ମୁଣ୍ଡରେ 'କଥାର ବନ୍ଧୁକ' ରଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଦା କାଗଜରେ ଦସ୍ତଖତ ନେଇଛି ଏବଂ ଏହାକୁ ସତ୍ୟପାଠ ନାମରେ ପୋଷ୍ଟ କରିଛି। ଏପର୍ଯ୍ୟନ୍ତ ଦର୍ଶନ ହୀରାନନ୍ଦାନୀଙ୍କ ଅଭିଯୋଗ ପତ୍ର କାହିଁକି ସାର୍ବଜନୀନ ହୋଇନାହିଁ ବୋଲି ମୋହୁଆ ପ୍ରଶ୍ନ କରିଛନ୍ତି। ଏଥିସହ ହୀରାନନ୍ଦାନୀଙ୍କୁ ସିବିଆଇ କିମ୍ବା ସଦାଚାର କମିଟି(Ethics Committee) କିମ୍ବା କୌଣସି ଅନୁସନ୍ଧାନକାରୀ ସଂସ୍ଥା ଏପର୍ଯ୍ୟନ୍ତ ଡକାଇ ନାହିଁ। ସେ କାହାକୁ ଏହି ସତ୍ୟପାଠ ପତ୍ର ଦେଇଛନ୍ତି ବୋଲି ମହୁଆ ପଚାରିଛନ୍ତି।



## ମହୁଆ ବିବାଦ: ବିଜେଡି ସାଂସଦ ପିନାକୀ ମିଶ୍ରଙ୍କ ବହିଷ୍କାର ଦାବି କଲା ବିଜେପି

ଭୁବନେଶ୍ୱର,୨୦।୧୦(ପିଏନ):ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରଙ୍କ ବିରୁଦ୍ଧରେ 'ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା' ମାମଲାରେ ବିଜେଡି ସାଂସଦ ପିନାକୀ ମିଶ୍ରଙ୍କୁ ଆଜି ସିଧାସଳଖ ବିଜେପି ଟାର୍ଗେଟ୍ କରିଛି । ବିଜେପି ତାଙ୍କର ବହିଷ୍କାର ଦାବି କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିନାକୀଙ୍କ ଜରିଆରେ ହୋଇଥିବା ହାୱାଲା କାରବାରର ତଦନ୍ତ କରାନ୍ତୁ ବୋଲି ଦାବି କରିଛି।ବିଜେପି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ମହୁଆ ମୋଇତ୍ର କିଛି ନିର୍ଦ୍ଦିଷ୍ଟ କମ୍ପାନୀମାନଙ୍କ ସ୍ୱାର୍ଥରେ ସଂସଦରେ ପ୍ରଶ୍ନ ପଚାରିବା ପାଇଁ ବ୍ୟାପକ ଅର୍ଥ ନେଇଛନ୍ତି। ଶିଳ୍ପପତି ଦର୍ଶନ ହୀରାନନ୍ଦାନୀ ଓ ଆଡଭୋକେଟ୍ ଜୟଅନନ୍ତ ଦୋହାଦ୍ରୀ ଦେଇଥିବା ଦୁଇଟି ଭିନ୍ନ ସତ୍ୟପାଠରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଆଡଭୋକେଟ୍ ଜୟଅନନ୍ତ ସିବିଆଇ ଅଦାଲତରେ ଏବଂ ଦର୍ଶନ ହୀରାନନ୍ଦାନୀ ସଂସଦର ଏଥିକ୍ସ କମିଟି ପାଖରେ ଦାଖଲ କରିଥିବା ସତ୍ୟପାଠରେ ଓଡିଶାର ସାଂସଦ ପିନାକି ମିଶ୍ରଙ୍କ ସଂପୃକ୍ତି ନେଇ ଉଲ୍ଲେଖ କରିଛନ୍ତି। ପ୍ରଶ୍ନ ପଚାରିବା ପାଇଁ ଟଙ୍କା ନେଇଥିବା ସାଂସଦ ମହୁଆଙ୍କ ପିନାକୀଙ୍କର ଘନିଷ୍ଠ ସଂପର୍କ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି।



## ଭଦ୍ରକରେ ୧୨୪ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ ଘୋଟାଲାର କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୨୦।୧୦(ପି.ଏନ): ଭଦ୍ରକ ଜିଲ୍ଲାରେ ବୃହତ ପାନୀୟଜଳ ପ୍ରକଳ୍ପ ନାଁରେ ୧୨୪ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଛି କଂଗ୍ରେସ। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି। ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ମନୋଜ ବିଶ୍ୱାଳ ଆଜି ଏହି ଘୋଟାଲାକୁ ନେଇ ପଂଚାୟତ ବିଭାଗର ସଚିବଙ୍କୁ ପତ୍ର ଲେଖିଛନ୍ତି। ଶ୍ରୀ ବିଶ୍ୱାଳ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଏତେବଡ଼ ଘୋଟାଲା ଜିଲ୍ଲାପାଳ ଏବଂ ଗ୍ରାମ୍ୟ ଜଳଯୋଗାଣ ବରିଷ୍ଠ ଅଧିକାରୀଙ୍କ ନାକ ତଳେ କିପରି ହେଲା କାହିଁକି ଏତେ ଅଧିକ ଅର୍ଥ ରାଶି ପ୍ରଦାନ କରାଗଲା। ଏଥିରେ କେଉଁମାନେ ଉପକୃତ ହୋଇଛନ୍ତି, କାହାର ଭାଗ କେତେ ଏହିପରି ଭାବରେ ରାଜ୍ୟରେ ୫-ଟି ବ୍ୟବସ୍ଥା ଚାଲିଛି। ଏହି ଚିଠିର ନକଲ ରାଜ୍ୟ ପଂଚାୟତ ରାଜ ଏବଂ ଜଳଯୋଗାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସ୍ପେସାଲ ସେକ୍ରେଟାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ବିଶ୍ୱାଳ ସରକାରଙ୍କୁ ୭ ଦିନର ମହଲତ ଦେଇଛନ୍ତି। ୭ ଦିନ ଭିତରେ ଯଦି ଦୁର୍ନୀତିର ପର୍ଦ୍ଦାଫାଶ ନହୁଏ ଏବଂ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ସେ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।ସେ ଅଭିଯୋଗ କରିଛନ୍ତି ଯେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ତିହିଡ଼ି ଏବଂ ବାସୁଦେବପୁର ଓ ଧାମନଗରର ୯୧ଟି ପଂଚାୟତର ପାନୀୟଜଳ ଯୋଗାଇବା କାମର ଠିକା ଓଡ଼ିଶା ସରକାରଙ୍କର ପଂଚାୟତ ରାଜ ଓ ପାନୀୟଜଳ ପ୍ରକଳ୍ପ ଅଧିନରେ ଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଉକ୍ତ ଠିକା କାର୍ଯ୍ୟକୁ ହାଇଦ୍ରାବାଦର ମେଘା ଇଂଜିନିୟରିଂ ଓ ଇନଫ୍ରାଷ୍ଟ୍ରକ୍ଚର କମ୍ପାନୀକୁ ୨୦୧୯ ମସିହା ଫେବୃଆରୀ ୧୫ ତାରିଖରେ ଦେଇଥିଲେ। ଏହି କାର୍ଯ୍ୟର ଠିକାମୂଲ୍ୟ ୭୫୪ କୋଟି ଟଙ୍କା ଥିଲା। ଏହି କାର୍ଯ୍ୟକୁ ରାଜ୍ୟ ସରକାରଙ୍କର ତୃତୀୟପକ୍ଷ ଅଥରଟି ଅଫ ଇଞ୍ଜିନିୟରିଂ ଦ୍ୱାରା ନିଯୁକ୍ତ ହୋଇଥିବା ଇଂଜିନିୟରିଂ ସଂସ୍ଥା ସଂପୂର୍ଣ୍ଣ ତଦାରଖକରି ରିପୋର୍ଟ ଦେଲାପରେ ଅର୍ଥରାଶି ପ୍ରଦାନ କରାଯିବା କଥା। କିନ୍ତୁ ଏହି ସଂସ୍ଥା ଆଜି ପର୍ଯ୍ୟନ୍ତ ମାତ୍ର ୭୫% କାମ କରି ୯୩ ଭାଗ ଅର୍ଥରାଶି ନେଇସାରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୬୮୭ କୋଟି ଟଙ୍କା କିନ୍ତୁ ନିୟମ ଅନୁସାରେ ତାଙ୍କୁ ଏତେ ଅର୍ଥରାଶି ପ୍ରଦାନ କରାଯିବା କଥା ନୁହେଁ। ଏଥିରେ ୧୨୪ କୋଟି ଟଙ୍କା ଅଧିକ ଅର୍ଥରାଶି ଠିକାଦାରକୁ ଦିଆ ସରିଛି।

## ବାହାରିପାରେ ସମାଧାନର ବାଟ : ଧର୍ମଘଟ ନେଇ ମନ୍ତ୍ରୀ – ସଂଘ ଆଲୋଚନା , ନିଷ୍ପତି ନେଇନି ବସ୍ ମାଲିକ ସଂଘ

ଭୁବନେଶ୍ୱର, ୨୦।୧୦(ପି.ଏନ): ରାଜ୍ୟରେ ବସ୍ ଧର୍ମଘଟ ନେଇ ଶୁକ୍ରବାର ସଂଧ୍ୟାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘରୋଇ ବସ୍ ମାଲିକ ସଂଘ ସହ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଆଲୋଚନା କରିଛନ୍ତି। ଆଲୋଚନା ପରେ ବସ୍ ମାଲିକ ସଂଘ ସହଯୋଗ କରିବ ଏବଂ ଆସନ୍ତା ୨୬ ତାରିଖରେ ପୁଣି ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଜିଲ୍ଲା ସଂଘ ସହ ଆଲୋଚନା ପରେ ନିଷ୍ପତି ନେବୁ ବୋଲି କହିଛି ସଂଘ। ସଂଘର ନିଷ୍ପତି ସକରାତ୍ମକ ରହିଲେ ଆସନ୍ତାକାଲିଠାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇପାରେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍ ଧର୍ମଘଟ ନେଇ କୌଣସି ଘୋଷଣା କରାଯାଇନଥିଲା। ବୈଠକ ପରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ବସ୍ ମାଲିକ ସଂଘ ସହଯୋଗ କରିବେ ବୋଲି କହିଛନ୍ତି। ମାଲିକ ସଂଘ ସହ ଆଲୋଚନା ହୋଇଛି। ୨୬ ତାରିଖରେ ଆମେ ମାଲିକ ସଂଘ ସହ ପୁଣି କଥା ହେବୁ। ମାଲିକ ସଂଘ କାଲିଠାରୁ ସହଯୋଗ କରିବେ। ଧର୍ମଘଟ ବନ୍ଦ କରି ମାଲିକ ସଂଘ ସହଯୋଗ କରିବେ। ସଂଘର ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ସେହିପରି ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଆମ ଜିଲ୍ଲା ସଂଘ ସହ ଆଲୋଚନା କରି ନିଷ୍ପତି ଜଣାଇବୁ। ତେବେ ଆଲୋଚନା ସଫଳ ହୋଇନି ।ଲକ୍ଷ୍ମୀ ଯୋଜନାକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ସକାଳୁ ବସ୍ ଧର୍ମଘଟ ଡାକରା ଦିଆଯାଇଥିଲା। ପାର୍ବଣ ସମୟରେ ଅଚାନକ ବସ୍ ଯାତ୍ରା ଠପ୍ ହୋଇଯିବାକୁ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।



# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।





## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।



## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭ୍ରାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ ।



# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।






# ଶେଷ ଅଭିଳାଷ

**ଶିବପ୍ରସାଦ ଧଳ**





ରାକେଶର ଫ୍ଲାଇଟ୍ ସମୟ ହୋଇ ଯାଉଥିଲା, ଅଥଚ ସେ ପ୍ରସ୍ତୁତ ହୋଇପାରୁ ନଥିଲା। କେତେବେଳେ ଖୋଜୁଥିବା ଜିନିଷଟା ତାକୁ ମିଳୁ ନଥିଲା ତ କେତେବେଳେ କେଉଁ ଜିନିଷଟା ନେବା ଦରକାର, କେଉଁଟା ନୁହେଁ ତାହା ତା' ମୁଣ୍ଡକୁ ଡୁକୁ ନଥିଲା। ଅସଲ କଥା ହେଲା ଶେଫାଳି ତା' ଜୀବନରେ ଆସିଲା ପରେ ଏସବୁ କାମ ସେ ହିଁ କରି ଦେଉଥିଲା। ଅଥଚ ଆଜି ଶେଫାଳି ଘରେ ଥାଇବି ଗଲା ରାତିର କଥାକୁ ଧରି ଏସବୁ କରିବାକୁ ଆଗେଇ ଆସୁନି ଦୀର୍ଘ ଅଠର ବର୍ଷର ଦାମ୍ପତ୍ୟ ଜୀବନରେ କାଁ ଭାଁ ଛୋଟ ମୋଟ ମୁହଁ ଫୁଲାଫୁଲିକୁ ଛାଡ଼ିଦେଲେ, ସେମିତି ମତାନ୍ତର ବା ମନାନ୍ତର କେବେ ହୋଇନି ଦୁଇଜଣଙ୍କ ମଧ୍ୟରେ। ମୋଟା ମୋଟି ସଫଳ ଦାମ୍ପତ୍ୟ ଜୀବନ ସେମାନଙ୍କର। ଅନ୍ୟମାନେ ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରନ୍ତି ଏଥିପାଇଁ। ତେବେ ପ୍ରକୃତ କଥା ହେଲା ରାକେଶର ଖାମଖିଆଲି ଜୀବନକୁ ଠିକଣା ବାଟରେ ଆଗେଇ ନେଇଛି ଶେଫାଳିର ନିଃସ୍ୱାର୍ଥପର ଭଲପାଇବା। ଉଭୟଙ୍କ ଭଲପାଇବାର ନିଦର୍ଶନ ସ୍ୱରୂପ ତାଙ୍କ କୋଳକୁ ଆସିଛି ଏକମାତ୍ର ପୁଅ ଆଶୁତୋଷ। ସେ ବି କିଛି କମ୍ ନୁହେଁ। ବାପା-ମାଆଙ୍କର ଉପଯୁକ୍ତ ଦାୟାଦ। ଏକ ନିଛକ ସୁଖୀ ପରିବାରର ଚିତ୍ର ଆଙ୍କି ହୋଇଯାଏ ସେମାନଙ୍କୁ ଦେଖିଲେ।



ତେବେ ସବୁ ଠିକ୍ ଚାଲିଥିଲା ବେଳେ ରାକେଶ ଏଇ କିଛିଦିନ ହେଲା କିଛିଟା ବ୍ୟତିକ୍ରମ ଲକ୍ଷ୍ୟ କରୁଛି ଶେଫାଳିଠାରେ। ତାର ବନ୍ୟହରିଣୀ ପରି ଚଳଚଂଚଳ ଜୀବନଶୈଳୀ ଧିମା ପଡ଼ିଯାଇଛି। କେଉଁ ଅଜଣା ଆଶଙ୍କାରେ ଯେମିତି ତା'ର ସଦା ହସ ହସ ମୁଖମଣ୍ଡଳ ମଳିନ ଦିଶୁଛି ଶ୍ରାବଣର ମେଘଢ଼ଙ୍କା ଆକାଶ ପରି। ଏକ ଜଳନ୍ତା ମହମବତୀ ପରି ସେ ତରଳି ତରଳି ସରିଯାଉଛି ଭିତରେ ଭିତରେ, ଅଥଚ ଜାଣିବାକୁ ଦେଉନି କାହାକୁ। ରାକେଶ ଶତଚେଷ୍ଟା କରି ମଧ୍ୟ ଜାଣିପାରୁନି ତା'ର କାରଣ। ତେବେ ଗଲା କାଲିର ଘଟଣା ରାକେଶର ସବୁ ହିସାବକୁ ଓଲଟ ପାଲଟ କରିଦେଲା ଯେମିତି। ସଦ୍ୟ ଭଲ ରେଜଲ୍ଟ କରି ମେଟ୍ରିକ୍ ପାଶ୍ କରିଥିବା ଆଶୁତୋଷକୁ ଓଡ଼ିଶାର ଏକ ଭଲ କଲେଜରେ ପଢ଼ାଇବାର ନିଷ୍ପତ୍ତି ଆପାତତଃ ନିଆସରିଥିଲା। କିନ୍ତୁ ହଠାତ୍ କ'ଣ ହେଲା କେଜାଣି ରାକେଶକୁ ନଜଣାଇ, ଶେଫାଳି ପୁଅର ଆଡ଼ମିଶନ ପାଇଁ ସବୁ ବ୍ୟବସ୍ଥା କରିଦେଲା ଭୁବନେଶ୍ୱରର ଏକ ସୁନାମଧନ୍ୟ ଇଣ୍ଟରନ୍ୟାସନାଲ୍ ସ୍କୁଲରେ। ସେଠାରେ ସେ ହଷ୍ଟେଲରେ ରହି ପାଠ ପଢ଼ିବ। ଏଠାରେ ଘରେ ରହି ପଢ଼ିଲେ ତା'ର ଭବିଷ୍ୟତ କୁଆଡ଼େ ଅନ୍ଧାର ହୋଇଯିବ ବୋଲି ଶେଫାଳିର ଧାରଣା। ତେବେ ରାକେଶର ଯୁକ୍ତି କିନ୍ତୁ ଅଲଗା। ଆମ ସହରରେ ମଧ୍ୟ ବହୁତ ଭଲ କଲେଜ ଅଛି ଆଉ ଏଠାରେ ପାଠ ପଢ଼ି ମଧ୍ୟ ଜଣେ ଖୁବ୍ ଉନ୍ନତି କରିପାରିବ ଭବିଷ୍ୟତରେ। କିନ୍ତୁ ରାକେଶର ମତାମତକୁ କୌଣସି ଗୁରୁତ୍ୱ ନଦେଇ ଶେଫାଳି ପୁଅ ପାଇଁ ଠିକ୍ କରିଥିଲା ରାଜଧାନୀର ସେଇ କଲେଜ। ଆଡ଼ମିଶନ ତାରିଖ ମାତ୍ର ଆଉ ପାଂଚଦିନ ପରେ ହେବାର ଥିଲା। ରାକେଶର କିନ୍ତୁ ଆସନ୍ତାକାଲିଠାରୁ ବାହାରକୁ ଯିବାର ଥିଲା ଅଫିସ୍ କାମରେ ପୁରା ସାତଦିନ ପାଇଁ। ଶେଫାଳିର ଜିଦ୍ ଯେମିତି ହେଲେ ପୁଅର ଆଡ଼ମିଶନ ହେବ ସେଇ ନିର୍ଦ୍ଦିଷ୍ଟ ତାରିଖରେ। ରାକେଶର ଅଫିସ୍‌ରୁ ଚାପ ଥିଲା ସେ ଯେମିତି ହେଲେ ସାତଦିନ ପାଇଁ ଯିବ ଗସ୍ତରେ, କାରଣ ତା'ର ସେହି ଗସ୍ତ ଉପରେ ନିର୍ଭର କରୁଥିଲା ତା' ଅଫିସ୍‌ର ଭାଗ୍ୟ। ଶେଫାଳି ଚାହୁଁଥିଲା ପୁଅର ଆଡ଼ମିଶନ ପାଇଁ ରାକେଶର ସହମତି ଯଦିଓ ସେ ଅବସ୍ଥାରେ ଏହାର କୌଣସି ଆବଶ୍ୟକତା ନଥିଲା କାରଣ ତା'ର ବିନା ସହମତିରେ ସବୁ ନିଷ୍ପତ୍ତି ନିଆସରିଥିଲା।

ରାକେଶ ନିଜକୁ ଅବହେଳିତ ମନେକଲା ଶେଫାଳିର ଏପରି ଏକତରଫା ନିଷ୍ପତ୍ତି ପାଇଁ। କିନ୍ତୁ ପୁଅର ଭଲପାଇଁ ନେଇଥିବା ନିଷ୍ପତ୍ତିକୁ ରାକେଶ ସହମତି ନ ଦେବାଟାକୁ, ସେମାନଙ୍କ ପ୍ରତି ଅସହଯୋଗ ବୋଲି ଚିତ୍ରଣ କରିଥିଲା ଶେଫାଳି। ତାର ନିଷ୍ପତ୍ତିକୁ ରାକେଶ ଓଜନ ଦେଉନାହିଁ ବୋଲି ଶେଫାଳି ଯୁକ୍ତି କରିଥିଲା। କଥା କଟାକଟି ବହୁତ ଉପରକୁ ଉଠିଗଲା। ଶେଷରେ 'ତୁମ ଇଚ୍ଛା ଯାହା ହେଉଛି ତାହା କର, ମୋତେ ପଚାରିବାର କୌଣସି ଆବଶ୍ୟକତା ନାହିଁ' ବୋଲି କହି ରାକେଶ ଶୋଇ ପଡ଼ିଲା।

ସକାଳକୁ ମଧ୍ୟ ଗଲା କାଲିର ନିଆଁର ତାତି କମି ନଥିଲା। ସେଇ କଥା କଟାକଟି, ପରସ୍ପରକୁ ପରସ୍ପରରେ ଦୋଷାରୋପ। ନିଜ ନିଜର ଆତ୍ମସମ୍ମାନର ପ୍ରଶ୍ନ ନିହିତ ଥିବାରୁ କେହି ଓହରୁ ନଥିଲେ କେହି କାହା ଜିଦ୍‌ରୁ। ଶେଷରେ ଫ୍ଲାଇଟ୍ ସମୟ ହୋଇଯିବାରୁ ରାକେଶ ପଳାଇଥିଲା କିଛି ନଖାଇ ନପିଇ।

ଅଫିସ୍ କାମରେ ବ୍ୟସ୍ତ ଥାଇ ରାକେଶ ଚିନ୍ତା କରୁଥିଲା ଶେଫାଳି କଥା। କେଉଁ ପରିସ୍ଥିତିରେ ଶେଫାଳିର ଏ ପରିବର୍ତ୍ତନ? ଯେଉଁ ଶେଫାଳି ତା'ର ବିନା ଅନୁମତିରେ ଛୁଞ୍ଚିଟିଏ ମଧ୍ୟ କିଣୁ ନଥିଲା ସେ କେମିତି ଏକତରଫା ନିଷ୍ପତ୍ତି ନେଲା ପୁଅକୁ ପଠାଇବାକୁ ଏତେ ଦୂରକୁ? ପୁଅର ଭବିଷ୍ୟତ ଚିନ୍ତା ନା ଅନ୍ୟ କିଛି? ସବୁ ଭିତରେ ବି ସେ ଆଶା କରୁଥିଲା ଶେଫାଳିଠାରୁ ଫୋନ କଲ୍‌ଟିଏ। ଅଥଚ ଶେଫାଳି ଫୋନ କରୁନଥିଲା। ରାକେଶ ନିଜଆଡ଼ୁ ଫୋନ୍ କଲେ ସେପଟୁ ସୁଇଚ୍ ଅଫ୍ ବୋଲି ଉତ୍ତର ଆସୁଥିଲା।

ସବୁ ଚିନ୍ତା ଦୁଶ୍ଚିନ୍ତା ମଧ୍ୟରେ ଅଫିସ୍ କାମ ଯଥାସମ୍ଭବ ସାରି ରାକେଶ ଫେରି ଆସିଥିଲା ଘରକୁ। ତା' ଘର! ତା' ସ୍ୱପ୍ନର ଘର! ଅଥଚ ଘରେ ପହଂଚି ଦେଖିଲା ଗୋଟେ ଅଦିନିଆ ଝଡ଼ ଯେମିତି ଛାରଖାର କରିଦେଇଛି ତା' ସ୍ୱପ୍ନର ଘରକୁ। ପୁଅକୁ ନେଇ ଶେଫାଳି ଛାଡ଼ି ଆସିଛି ହଷ୍ଟେଲରେ। ସବୁଥର ପରି ରାକେଶ ଆଶା କରୁଥିଲା ପୁଅ ଦୌଡ଼ିଆସି ତାକୁ ସ୍ୱାଗତ କରିବ। ଗେଲରେ ଓହଳି ପଡ଼ିବ କାନ୍ଧରେ। ଜବରଦସ୍ତ ବ୍ୟାଗ ଖୋଲି ପକାଇବ ଦେଖିବାକୁ ତା' ପାଇଁ କ'ଣ କ'ଣ ଆସିଛି ବୋଲି? ସେପଟେ ଶେଫାଳି କୃତ୍ରିମ ରାଗ ଦେଖାଉଥିବ ପୁଅ ଉପରେ। "ରହ ବାପା ବାହାରୁ ଆସିଛନ୍ତି। ଟିକେ ଗୋଡ଼, ହାତ ଧୋଇ ରିଲାକ୍ସ ହେବାକୁ ଦେଏ!" ଅଥଚ ସେମିତି କିଛି ହୋଇ ନ ଥିଲା। ଘରଟା ଖାଁ ଖାଁ ଲାଗୁଥିଲା। ରାକେଶର ମନ ହତାଶରେ ଭରି ଉଠିଲା। ତାର କ୍ରୋଧ ଚରମ ସୀମାରେ ପହଂଚିଗଲା। ସେ ଯୁଦ୍ଧ ଆହ୍ୱାନ ଦେଲା ଶେଫାଳିକୁ। ସେ ଜାଣିବାକୁ ଚାହୁଁଥିଲା କ'ଣ ପାଇଁ ଶେଫାଳି କରୁଛି ଏପରି? ଶେଫାଳି ମଧ୍ୟ ଦବିବା ମୁଡ୍‌ରେ ନଥିଲା। ଚାଲିଲା ବାଦ ବିବାଦ। କ୍ରୋଧରେ ହିତାହିତ ଜ୍ଞାନ ରହିଲା ନାହିଁ ରାକେଶର। ହାତ ଉଠାଇ ଦେଲା ଶେଫାଳି ଉପରେ।

କ୍ରୋଧ ଆଉ ଅପମାନରେ ଦୁର୍ଗାରୁ କାଳୀ ରୂପ ଯେମିତି ଧାରଣ କଲା ଶେଫାଳି। ସେ ଯେମିତି ଶପଥ ନେଇଥିଲା ଧ୍ୱଂସ କରିଦେବାକୁ ସାରା ସୃଷ୍ଟିକୁ। ଆଉ ମୁହୂର୍ତ୍ତଟିଏ ମଧ୍ୟ ରହିବନି ଏଠାରେ ବୋଲି କହି କ୍ଷିପ୍ର ଗତିରେ ବାହାରିଗଲା ଘରୁ। ଗଲାବେଳେ କହିଗଲା– "ଯାଉଛି। ବାଏ। ତମକୁ ପ୍ରେମ କରିବା ଆଉ ତମ ସାଙ୍ଗରେ ଜୀବନ କଟାଇବାକୁ ସ୍ଥିର କରିବା ମୋ ଜୀବନର ସବୁଠାରୁ ବଡ଼ ଭୁଲ। ଏଇ ସତ୍ୟକୁ ସାଥିରେ ଧରି ମୁଁ ଚାଲିଯାଉଛି ମୋ' ବାଟରେ। ଖୋଜିବାକୁ ଚେଷ୍ଟା କରିବନି।"

ଭୁଲ୍ ଥିଲା! ରାକେଶ ଚମକି ପଡ଼ିଲା ପ୍ରେମ ଆଉ ବାହାଘରର ୧୫ ବର୍ଷ ପରେ ଶେଫାଳି କହୁଛି ସେସବୁ ଭୁଲ ଥିଲା!! ଏଇ କିଛି ସମୟ ହେଲା ଗର୍ଜୁଥିବା ରାକେଶର ପାଟିରେ କିଏ ତାଲାଟିଏ ପକାଇଦେଲା ଯେମିତି। ଜୀବନ ଉପରେ ତା'ର ବିଶ୍ୱାସ ତୁଟିଗଲା। ଗୋଟେ ସତ୍ୟ ଉପରେ ଭରସା କରି ବଂଚିଥିଲା ସେ, ତାହା ଥିଲା ଶେଫାଳିର ପ୍ରେମ। ଅଥଚ ସେ ସତ୍ୟର ମୂଳଦୁଆ ଆଜି ହୋହଲିଗଲା।

ତା'ପର ଘଟଣା ଘଟିଗଲା ସାଧାରଣ ଭାବରେ। ଶେଫାଳି ନିଖୋଜ ହୋଇଗଲା ଯେ ରାକେଶ ଚେଷ୍ଟା କରି ମଧ୍ୟ ଠିକଣା ପାଇପାରିଲା ନାହିଁ ତା'ର। ଶେଫାଳିର ଅନୁପସ୍ଥିତିରେ ରାକେଶର ଜୀବନ ଦୁର୍ବିସହ ହୋଇଗଲା। ଦିନ ରାତି ତା'ପାଇଁ ସମାନ ହୋଇଗଲା। ଯନ୍ତ୍ରଚାଳିତ ପରି ସେ କାମ କରିଚାଲିଲା। ଏବେ ଯେମିତି ସେ ଗୋଟେ ଜିଅନ୍ତା ମୁର୍ଦ୍ଦାର। ସେ ଜାଣିପାରୁନି ଯେ ତା'ର ଭୁଲ ରହିଲା କେଉଁଠି?

* * * * * *

ଏ ଘଟଣାର ଠିକ୍ ଛଅମାସ ପରେ ଦିନେ ଏକ ଅଜଣା ଫୋନକଲ୍‌ରେ ଜଣେ ମହିଳାର କଣ୍ଠସ୍ୱର ଶୁଣି ଆଶ୍ଚର୍ଯ୍ୟ ହେଲା ରାକେଶ। କାରଣ ଶେଫାଳି ଗଲାପରେ କୌଣସି ନାରୀ ତାକୁ ଫୋନ୍ କରି ନଥିଲେ ସେ ପର୍ଯ୍ୟନ୍ତ। ନାରୀଜଣକ କହୁଥିଲେ ସେ ଶେଫାଳିର ବାନ୍ଧବୀ ରୀନା ଆଉ ଶେଫାଳି ତାଙ୍କ ପାଖରେ ହିଁ ଅଛି। ମହିଳା ଜଣକ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନର ଠିକଣା ଦେଇଥିଲେ ଆଉ ଦୁଇ ତିନି ଦିନ ମଧ୍ୟରେ ଯେମିତି ହେଲେ ପହଂଚିବାକୁ ଅନୁରୋଧ କରିଥିଲେ। ଆସିବା ସମୟରେ ପୁଅର ସ୍କୁଲକୁ ଯାଇ ତାକୁ ସାଙ୍ଗରେ ନେଇ ଆସିବା ପାଇଁ ଅନୁରୋଧ କରିଥିଲେ।

ରାକେଶ ସାଙ୍ଗେ ସାଙ୍ଗେ ବାହାରିଥିଲା ଭୁବନେଶ୍ୱର ଅଭିମୁଖେ ଆଉ ପୁଅକୁ ଧରି ପହଂଚି ଯାଇଥିଲା ସେହି ମହିଳାଙ୍କ ଘରେ। ସେଠାରେ ପହଂଚି ଯାହା ଦେଖିଲା, ସେଥିରେ ରାକେଶର ହୋସ୍ ଉଡ଼ିଗଲା। ଶେଫାଳି ସେଠି ଥିଲା, ମାତ୍ର ଶେଷ ଅବସ୍ଥା ତା'ର। ରୋଗ ତାକୁ ପଞ୍ଜରାଇ ଦେଇଥିଲା ସେହି ଅବସ୍ଥାରେ। ପୁଅକୁ ଆଉ ସ୍ୱାମୀକୁ ଦେଖି ଆଖି ଖୋଲିଲା ଶେଫାଳି। ଦୁଇଜଣଙ୍କର ଦୁଇ ହାତକୁ ଧରିଲା ଦୁଇ ହାତରେ। ଆଖିରୁ ତା'ର ଝରି ଆସିଲା ଲୁହ ଦୁଇଧାର। ସେ ଯେମିତି କ୍ଷମା ମାଗୁଥିଲା ଦୁଇଜଣଙ୍କୁ, ଏମିତି ଅଧା ବାଟରେ ଛାଡ଼ିଦେଇ ଯାଉଥିବାରୁ। ତା' ଆଖି କହୁଥିଲା, "ମତେ କ୍ଷମା କରିବ ରାକେଶ, ତୁମକୁ ମିଛ କହିଥିବାରୁ। ତୁମ ଆଗରେ ମିଛ ଅଭିନୟ କରିବାକୁ ବାଧ ହେଲି। ତୁମେ ଦୁଇଜଣ ଏତେ ମୋହଗ୍ରସ୍ତ ହୋଇଯାଇଥିଲ ଯେ, ମୁହୂର୍ତ୍ତଟିଏ ମଧ୍ୟ ଚଳିପାରୁ ନଥିଲ ମୋ ବିନା । ମୋତେ ଲାଗିଲା ମୁଁ ଚାଲିଗଲା ପରେ ଭୀଷଣ ଭାବରେ ଭାଙ୍ଗିପଡ଼ିବ ତମେ ଦୁଇଜଣ, ଏତେ ବଡ଼ ଧକ୍କା ସମ୍ଭାଳି ପାରିବ ନାହିଁ । ଏଣୁ ଜାଣିଜାଣି ତୁମ ଦୁଇଜଣଙ୍କ ପାଖରୁ ମୁଁ ଦୂରେଇ ଗଲି । କମ୍‌ସେ କମ୍ ମୋ' ବିନା ଚଳିବାଟା ତୁମର ଅଭ୍ୟାସ ହୋଇଯିବ ତ। ମୋର ଯିବାଟା ଯେତେବେଳେ ନିଶ୍ଚିତ ହୋଇଯାଇଥିଲା ଆଉ କ'ଣ କରିପାରିଥା'ନ୍ତି ? ତୁମ ଦୁଇଜଣଙ୍କୁ ମୋହମୁକ୍ତି କରିବା ପାଇଁ କୌଶଳରେ ଦୂରେଇ ଦେଲି ମୋ' ପାଖରୁ।" ଶେଫାଳି ଆଖିରୁ ଲୁହ ପୋଛି ଦେଇଥିଲୁ ଦୁଇଜଣଯାକ। ହଠାତ୍ ଚେନାଏ ହସ ଫୁଟିଉଠିଲା ଶେଫାଳି ଓଠରେ। ବାସ୍! ତା'ପରେ ଆଖି ବୁଜିଦେଲା ସବୁଦିନ ପାଇଁ ଶେଫାଳି। ସେଇ ମୁହୂର୍ତ୍ତକୁ ଯେମିତି ଅପେକ୍ଷା କରି ରହିଥିଲା ସେ। ଶେଫାଳିର ନିଶ୍ଚଳ ଦେହ ଉପରେ ଲୋଟି ପଡ଼ିଥିଲୁ ବାପ, ପୁଅ, ଆତ୍ମଜ୍ଞାନ ହରାଇ। ଦୂରରୁ ଶୁଭୁଥିଲା ଏକ କପୋତର ବିଳାପ। ଆଖିରୁ ଲୁହ ପୋଛୁଥିଲେ ଶେଫାଳିର ବାଲ୍ୟ ବାନ୍ଧବୀ...।

*-ଅଲରା, ନରସିଂହପୁର, କଟକ,*
*ଭ୍ରାମ୍ୟଭାଷ: ୯୯୩୭୭୮୨୦୭୯*

## ଫସଲ କ୍ଷୟକ୍ଷତିର ପୁନଃ ଆକଳନ ଓ କୃଷି ସହାୟତା ରାଶିର ଦୁଇଗୁଣା ବୃଦ୍ଧି ଦାବୀ ନେଇ ରାଜ୍ୟପାଳଙ୍କୁ ଭେଟିଲେ ପିସିସି କିଷାନ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର (ପିଏନ୍)-ଲଗାଣ ବର୍ଷା ଓ ବନ୍ୟାଦ୍ୱାରା ଚାଷ ଉଜୁଡ଼ିଯିବା ଫଳରେ ଚାଷୀକୁଳ ଏବେ ବେ-ସାହାରା। ବିପନ୍ନ ଲୋକେ ସହାୟତା ପାଇବା ସାତ ସ୍ୱପ୍ନ ହେଲାଣି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଫସଲ କ୍ଷୟ କ୍ଷତିର ସଠିକ୍ ଆକଳନ କରା ନ ଯାଇ ମାତ୍ର ୧ ଲକ୍ଷ ୨୬ ହଜାର ୧୬୨ ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲହାନୀ ହୋଇଛି ବୋଲି ସୂଚନା ଦିଆଯାଇଛି। ବାସ୍ତବ କ୍ଷେତ୍ରରେ ପୁନଃ ଆକଳନ କରାଗଲେ ଏହାଠାରୁ ଯଥେଷ୍ଟ ଅଧିକ ଫସଲ କ୍ଷତି ହେବାର ତଥ୍ୟ ଆସିପାରିବ ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କ୍ଷେତ୍ରସ୍ତରରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇଛି ଏଥିରେ ବହୁ ତ୍ରୁଟି ରହିଛି। ଅନେକ ଯାଗାକୁ ମଧ୍ୟ କ୍ଷେତ୍ର ଅଧିକାରୀମାନେ ଆଦୌ ଯାଇ ନଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜଭବନରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ସହିତ ସାକ୍ଷାତ ଆଲୋଚନା କରି ୧୭ ଦଫା ସମ୍ବଳୀତ ଏକ ଦାବୀପତ୍ର ମହାମହୀମ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ବିପନ୍ନ ଲୋକଙ୍କୁ ଉଦ୍ଧାର ଓ ଥଇଥାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଥିଲେ। ସରକାର ବିରୋଧୀଙ୍କୁ ବିଶ୍ୱାସ କଲେନାହିଁ। ଯାହା ଫଳରେ ବର୍ତ୍ତମାନର ଅବସ୍ଥା ଅତି ସଙ୍ଗୀନ। ତେଣୁ ରାଜ୍ୟ ସରକାରଙ୍କୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏବେ ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଯେଉଁ ବନ୍ୟା ସହାୟତା ଘୋଷଣା କରିଛନ୍ତି ଏହା କେବଳ ଧର୍ମକୁ ଆଖିଠାର। ଏଥିରେ କିଛି ନୂତନତ୍ୱ ନାହିଁ। ଦ୍ୱିତୀୟତଃ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯେଉଁ କୃଷି ଇନପୁଟ୍ ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ଏଥିରେ ଚାଷୀର ଫସଲ କ୍ଷତି ଭରଣାରେ ଆଦୌ ସମ୍ଭବପର ନୁହେଁ। କାରଣ ଏକ ହେକ୍ଟର ଧାନ ଚାଷ ପାଇଁ ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ। ଏଥିରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩,୫୦୦ ଓ ଅଣ ଜଳସେଚିତ ପାଇଁ ୬,୮୦୦ଟଙ୍କା କୃଷି ଇନପୁଟ୍ ସହାୟତା ଯୋଗାଇ ଦିଆଯାଏ ଏଥିରେ ଚାଷୀ ଲାଭ ପାଇବ କ'ଣ? ତେଣୁ ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି କରାଯିବା ଅତ୍ୟନ୍ତ ଜରୁରୀ। ଉକ୍ତ ଦାବୀପତ୍ରରେ:- ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଫସଲ କ୍ଷୟକ୍ଷତିର ପୁନଃ ଆକଳନ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଅତି ସଅଳ କିସମ ଧାନ ଓ ଡାଲିଜାତୀୟ ବିହନ, ଚିନାବାଦାମ ମଞ୍ଜି ଓ ଆବଶ୍ୟକ ସ୍ଥଳେ ଧାନ ତଳି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବା, ରବିଚାଷ ପାଇଁ ବିହନ ଓ ପନିପରିବା ମଞ୍ଜି ଯୋଗାଣ, ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ସାର, କୀଟନାଶକ ଔଷଧ ରିହାତି ଅର୍ଥରେ ଯୋଗାଇଦେବା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ରବି ଚାଷ ପାଇଁ ବିନା ସୁଧରେ କୃଷି ଋଣ ପ୍ରଦାନ, ପ୍ରଚଳିତ ରିଲିଫ୍ କୋର୍ଡ଼ର ସଂଶୋଧନ, ଧାନ ଫସଲର କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୩୦ ହଜାର ଟଙ୍କା ଓ ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଫସଲ କ୍ଷତିଗ୍ରସ୍ତ ଭାଗଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ, ମନରେଗାରେ କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ୨୦୦ ଦିନ ପର୍ଯ୍ୟନ୍ତ ଶ୍ରମ ବ୍ୟବସ୍ଥା, କେନାଲରେ ରବି ପାଣି ଯୋଗାଣକୁ ତ୍ୱରାନ୍ୱିତ କରିବା, ପ୍ରତି ଚାଷୀଙ୍କୁ ୯୦ ପ୍ରତିଶତ ସରକାରୀ ସହାୟତାରେ ଏକକ ଲିଫ୍ଟ ପଏଣ୍ଟ ବ୍ୟବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ବ୍ୟବସ୍ଥା ଥିବା କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି, ଫସଲବୀମା କରିଥିବା ଚାଷୀ ଯଦି ଚାଷର ଏକମାସ ମଧ୍ୟରେ ସେମାନଙ୍କର ଫସଲ (ତଳି) ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ସେହି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅଗ୍ରୀମ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଧ୍ରୁବ ଚରଣ ପରିଡ଼ା, ବସନ୍ତ କୁମାର ମାହାରଣା, ଦାଶରଥି ସାହୁ, ନାରାୟଣ ପରିଡ଼ା, ସଦାନନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ



ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୂଲ୍ୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଓ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରି, ଧର୍ମଶାଳା ସାହିତ୍ୟ ସଂସ୍କୃତିର ଗନ୍ତାଘର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଦୀର୍ଘ ୪୭ ବର୍ଷ ଧରି ଗ୍ରାମାଂଚଳରେ ସାହିତ୍ୟ ସଭା କରିଆସୁଥିବା ବେଳେ ଏହାର ସାହିତ୍ୟ ପତ୍ରିକା ଗୋକର୍ଣ୍ଣିକା ୪୫ ବର୍ଷ ଧରି ବହୁ ଯୁବ ସାହିତ୍ୟିକଙ୍କୁ ସୃଷ୍ଟି କରିଛି । କ୍ଷମତାରେ ଥାଇ ସାହିତ୍ୟ ସଂସ୍କୃତିକୁ ସମ୍ମାନ କରୁ ନଥିବା ବ୍ୟକ୍ତି ମଣିଷ ନୁହେଁ ପଶୁ ସାଙ୍ଗରେ ସମାନ । ଏହି ଅନୁଷ୍ଠାନକୁ ରାଜ୍ୟସ୍ତରରେ ସମ୍ମାନିତ କରିବା ଆମର ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଗୋକର୍ଣ୍ଣିକା ପତ୍ରିକା ହେଉଛି ଓଡିଶାର ଏକ ପ୍ରମୁଖ ସାହିତ୍ୟ ପତ୍ରିକା । ଯାହାକି ଜାରକା ଭଳି ଗ୍ରାମାଂଚଳରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି । ସ୍ୱକ୍ରିୟ ସାରସ୍ୱତ ଶୈଳୀରେ ଜୀବନର ବିବିଧ ଭାଗକୁ ଉନ୍ମୋଚନ କରିବାରେ ପଣ୍ଡିତ ତ୍ରିପାଠୀ ସଫଳ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ ଶରତଚନ୍ଦ୍ର ନାୟକଙ୍କ ପୁସ୍ତକ 'ସଙ୍କିର୍ତନ ସଙ୍ଗୀତ ମାଳା' ଓ ସରୋଜକାନ୍ତ ପରିଜାଙ୍କ 'ଗୀତରେ ଗୀତରେ ବଡମଣିଷ' ପୁସ୍ତକକୁ ଉନ୍ମୋଚନ କରିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କୁ ମର୍ଯ୍ୟାଦାଜନକ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ- ୨୦୨୨ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମା (ରାଉରକେଲା)ଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସାହିତ୍ୟିକ ସରୋଜ କୁମାର ପରିଜା (ବାଲିଚନ୍ଦ୍ରପୁର)ଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କବି ଡ. ଯତିନ୍ଦ୍ର କୁମାର ରାଉତ (ବି ବି ମହାବିଦ୍ୟାଳୟ, ଚଣ୍ଡିଖୋଲ)ଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରଗୁଡିକୁ ଡ. ଇନ୍ଦୁପ୍ରଭା ସାମଲ, ଗାୟତ୍ରୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ପାଠ କରିଥିଲେ । ପରେ ଅତିଥିମାନଙ୍କୁ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ବିଦ୍ୟାଧର ସାହୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ, ମଂଚ ନିମନ୍ତ୍ରଣ କରିଥିବା ବେଳେ, ବ୍ରଜକିଶୋର ଦାଶ ପବିତ୍ର ବେଦପାଠ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରଚିତ ଆବାହନୀ ସଙ୍ଗୀତ 'ହେ ମୋର ଅନ୍ତର୍ଯ୍ୟାମୀ' ଗାନ କରାଯାଇଥିବା ବେଳେ ବ୍ୟାସଶ୍ରୀ କଳା ନିକେତନର ଛାତ୍ରଛାତ୍ରୀମାନେ ସମ୍ପାଦକ ବାଇଧର ମାଝିଙ୍କ ନିର୍ଦ୍ଦେଶନାରେ ସ୍ୱର୍ଗତଃ ତ୍ରିପାଠୀଙ୍କ ଦ୍ୱାରା ରଚିତ ନୃତ୍ୟନାଟିକା ପରିବେଷଣ କରିଥିଲେ । ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ କୁମାର ରଥ, ରିତା ବାରିକ, ବ୍ରଜରାଜ ତ୍ରିପାଠୀ, ଆଲୋକ ରଂଜନ ବିଶ୍ୱାଳ, ନରେନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ରୁଦ୍ରନାରାୟଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଗନ୍ନାଥଙ୍କ ଆଗରେ କାନ ଧରି ଭୁଲ ମାଗିଲେ ଟେଣ୍ଟ ହାଉସ ମାଲିକ

ବାଲେଶ୍ୱର (ପିଏନ୍)-ଜଗନ୍ନାଥଙ୍କ ପ୍ରତିକୃତିକୁ ଦଉଡ଼ିରେ ବାନ୍ଧି ଗାଡ଼ିରେ ଲଦି ନେବା ପରି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱରରେ। ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ରଥ ଆକୃତିର ଏକ ତୋରଣ ତିଆରି ହୋଇଥିଲା। ଜଳେଶ୍ୱର ଅଞ୍ଚଳର ଏକ ଟେଣ୍ଟ ହାଉସ ଏହାକୁ ତିଆରି କରିଥିଲା। ସେଠାରେ ସୋଲରେ ତିଆରି ଜଗନ୍ନାଥଙ୍କ ପ୍ରତିକୃତି ଲାଗିଥିଲା। ତେବେ ପୂଜା ପରେ ତୋରଣରେ ବ୍ୟବହୃତ ହୋଇଥିବା ବାଉଁଶ କନା ଓ ଅନ୍ୟ ଜିନିଷ ସହ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିକୁ ଟେଣ୍ଟ ହାଉସ ମାଲିକ ଗାଡ଼ିର ଡାଲାରେ ବାନ୍ଧି ନେଉଥିଲେ। ଏହି ସମୟର ଦୃଶ୍ୟକୁ ଜଣେ କାର୍ ଚାଳକ ଦେଖି ଭିଡ଼ିଓ ଉତ୍ତୋଳନ ସହ ଏହାକୁ ବିରୋଧ କରିଥିଲେ। ଗାଡ଼ି ଡାଲାରେ ଶ୍ରୀଜଗନ୍ନାଥଙ୍କୁ ବାନ୍ଧି ନେବାର ଦୃଶ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସ୍ତା କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ବସ୍ତା ଥାନାକୁ ଯାଇ ସଂପୃକ୍ତ ଟେଣ୍ଟ ହାଉସ ମାଲିକଙ୍କ ନାମରେ ଏତଲା ଦେଇଥିବା ଜନୈକ ଯୁବନେତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ସମ୍ବେଦନଶୀଳତାକୁ ଟେଣ୍ଟ ହାଉସ ମାଲିକ ଓ କର୍ମଚାରୀମାନେ ହୃଦୟଙ୍ଗମ କରି ନିଜର ଭୁଲ ବୁଝିଛନ୍ତି। ଫଳରେ ସେମାନେ ଯାଇ କାଳିଆ ଠାକୁରଙ୍କ ପାଖରେ କାନ ଧରି କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି।

### ଉତ୍କଳ ବିପନ୍ନ ସହାୟତା ସମିତିର ସେବା କାର୍ଯ୍ୟ



ଭୁବନେଶ୍ୱର (ପିଏନ୍): ଚଳିତ ବର୍ଷ ବନ୍ୟାରେ ୧୬ଟି ଜିଲ୍ଲା ପ୍ରଭାବିତ ହୋଇଛି ବୋଲି ସରକାରୀ ଭାବରେ ଘୋଷଣା କରାଯାଇଅଛି। ଏସ୍.ଆର.ସି.ଙ୍କ ଦ୍ୱାରା ବନ୍ୟା ଆଶଙ୍କା ଥିବାରୁ ବନ୍ୟା ଅଂଚଳମାନଙ୍କରେ ନିୟମିତ ବିବରଣୀ ପ୍ରକାଶ କରାଯାଇଥିବାରୁ ଧନ ଜୀବନ ହାନି ନ ହୋଇଥିଲେ ମଧ୍ୟ ଉକ୍ତ ଅଂଚଳରେ ଲୋକମାନଙ୍କର ଗୋଟିଏ ବର୍ଷର ଖାଦ୍ୟ ଯଥା-ଧାନ ଓ ପରିବାପତ୍ର ପଚିସଢ଼ି ନଷ୍ଟ ହୋଇଛି। ସମିତି ତରଫରୁ ବନ୍ୟା ପ୍ରପିଡୀତ ଅଂଚଳ ଯଥା- ଡେଲାଙ୍ଗ, ପିପିଲି, ଗୋପ, କଣାସ ଆଦି ସ୍ଥାନରେ ଶୁଖିଲା ଖାଦ୍ୟ, ଚୁଡ଼ା, ଗୁଡ, ବିସ୍କୁଟ ଆଦି ବଂଟନ କରାଯାଇଅଛି ବୋଲି ସମିତିର ସମ୍ପାଦକ ଶ୍ରୀ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଜଣାଇଅଛନ୍ତି।

## ଇଚ୍ଛାମୃତ୍ୟୁ ନିବେଦନ କରିଥିବା ବିଜୟ ବିଷପାନ କଲେ

ବାଲେଶ୍ୱର (ପିଏନ୍)- ଖନ୍ତାପଡ଼ା ଥାନା ବରୁଣସୀ ଅଞ୍ଚଳର ବିଜୟ ଜେନା ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ୨୦୧୮ ମସିହାରେ ଏକ ରାସ୍ତା ଦୁର୍ଘଟଣାରେ ନିଜର ମେରୁଦଣ୍ଡରେ ଆଘାତ ଯୋଗୁଁ ଶଯ୍ୟାଶାୟୀ ହୋଇ ଲୋକଙ୍କ ସାହାଯ୍ୟରେ ଚିକିତ୍ସା ହେଉଥିଲେ। ଛାତି ପାଖରୁ ଗୋଡ଼ ପର୍ଯ୍ୟନ୍ତ କୌଣସି ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିଲା। ଗରିବ ଘରର ହୋଇଥିବା ଯୋଗୁଁ ଜିଲ୍ଲା ପ୍ରଶାସନଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ନିକଟରେ ଗୁହାରୀ କରିଥିଲେ ସୁଦ୍ଧା ବିଜୟଙ୍କ କଥା କେହି ଶୁଣିନଥିଲେ। ଏପରିକି ତାଙ୍କୁ ଘର ଖଣ୍ଡିଏ ମିଳିନାହିଁ। ସାଢ଼େ ଚାରିବର୍ଷ ଏହିଭଳି ଯନ୍ତ୍ରଣାରେ ଘାଣ୍ଟି ହେବା ପରେ ଶେଷରେ ଅଗଷ୍ଟ ମାସରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ଏପରି ସମୟରେ ବିଜୟ ଏକ ସାର ଦୋକାନରୁ ବିଷ କିଣି ପିଇ ଦେଇଥିବା ଭିଡ଼ିଓ କରି ସାଙ୍ଗସାଥୀମାନଙ୍କୁ ଜଣାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଘର ଲୋକ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

## ଜନଜାତି ସମାବେଶରେ ଯୋଗଦେଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ



ଧର୍ମଶାଳା (ପିଏନ୍): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ତିନିଦିନିଆ ଯାଜପୁର ଗସ୍ତରେ ଆସିଥିବା ବେଳେ ଗତକାଲି ସେ ଧର୍ମଶାଳା ଗସ୍ତ କରି ବଉଳମାଳ ପଂଚାୟତର ଇଛାପୁର ଖେଳପଡିଆରେ ଅନୁଷ୍ଠିତ ଜନଜାତି ସମାବେଶରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ତୃଣମୂଳ ସ୍ତରରେ ପହଂଚାଉ ନଥିବା ଅଭିଯୋଗ କରିଥିଲେ। ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ କବାଟବନ୍ଧଠାରୁ ମନ୍ତ୍ରୀଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାମଂଚ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ । ଏହି ସମାବେଶରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଶ୍ରୀ ମୁଣ୍ଡା କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ କରୋନା ଟିକା ଲୋକମାନଙ୍କୁ ନୂଆ ଜୀବନ ଦେଇଛି । ଲୋକେ ଆଉ କରୋନାକୁ ନଡରି ସ୍ୱାଭାବିକ ଜୀବନଯାପନ କରୁଛନ୍ତି ବୋଲି ସେ କହିଛନ୍ତି । ଯାଜପୁର ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଥାଇ ମଧ୍ୟ ଅନୁସୂଚିତ ଜନଜାତି ଓ ଗରିବ ଲୋକମାନଙ୍କର ସେଭଳି ଉନ୍ନତି ହୋଇନାହିଁ । ଖଣିଜ ସମ୍ପଦ ଟଙ୍କା କେଉଁଆଡେ ଯାଉଛି ବୋଲି କହି ରାଜ୍ୟ ସରକାରଙ୍କୁ ତେରଛା ବାଣ ମାରିଥିଲେ । ସଭାରେ ଯୋଗଦେବା ପରେ ମନ୍ତ୍ରୀ ସ୍ଥାନୀୟ ଖଜୁରିବାଟି ଗାଁର ମନୋଜ ଘଡେଇଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ । ଏହି ସମାବେଶରେ ଆଖପାଖ ଅଂଚଳର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ ।

# କୃଷି ଦୁନିଆ



## ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡ଼ିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।



(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

## ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



**ଭୁବନାନନ୍ଦ ଅଧିକାରୀ**
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ । ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୭୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୭୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

## କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

**ଦୀପାୟନ ପାଢ଼ୀ**

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡ୍ଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ । ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧାପକ, କୀଟତତ୍ୱ
ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଉତ୍କଳ (ଓଡ଼ିଶା)ରେ ଶକ୍ତି (ସତୀ) ପୀଠ

**ବିପିନ ବିହାରୀ ମହାନ୍ତି**

ଶିବ ପୁରାଣରେ ଏକ ପ୍ରସଙ୍ଗ କ୍ରମେ କୁହାଯାଉଛି ଯେ ମାତା ସତୀଙ୍କ ପିତା ଦକ୍ଷ ଏକ ଯଜ୍ଞ କରିଥିଲେ। ସେ ଯଜ୍ଞକୁ ଶିବ-ସତୀଙ୍କୁ ନିମନ୍ତ୍ରଣ କରିନଥିଲେ। ଅଥଚ ସତୀ ଯିବା ପାଇଁ ଚାହିଁଲେ ଏବଂ ଶିବ ଏହାକୁ ବିରୋଧ କଲେ। ଶେଷରେ ସତୀ ତାଙ୍କ ଦଶମହାବିଦ୍ୟା ସାହାଯ୍ୟରେ ଶିବଙ୍କୁ ଭୟଭୀତ କରାଇ ରାଜିକଲେ ଏବଂ ଯଜ୍ଞକୁ ଗଲେ। ସେଠାରେ ସତୀ ଦେଖିଲେ ଯେ ସେଠି ଶିବଙ୍କ ପାଇଁ ସ୍ଥାନ ନାହିଁ। ସେ ପିତାଙ୍କ ସହ ଯୁକ୍ତି କଲେ।
ଦକ୍ଷ କହିଲେ; ମୁଁ ଦେବଯଜ୍ଞ କରୁଛି, ପ୍ରେତ ଯଜ୍ଞ ନୁହେଁ। ସେଠି କେବଳ ଦେବତାମାନେ ବସିପାରିବେ, ପ୍ରେତମାନେ ନୁହେଁ। ତୁମ ପତି ଭୂତ୍ୟାବିଜ୍ଞ ସ୍ୱାମୀ ଅଟନ୍ତି। ଏଣୁ ମୁଁ ତାଙ୍କୁ ଏଠିକି ନିମନ୍ତ୍ରଣ କରିନାହିଁ। ଏତିକିରେ ସତୀ ଅପମାନିତ ହୋଇ ଯଜ୍ଞକୁଣ୍ଡରେ ଛାୟାସତୀ ରୂପେ ନିଜକୁ ଆହୂତି ଦେଇଦେଲେ। ଏହାପରେ ଏବାର୍ତ୍ତା ଶିବ ପାଇ ବୀରଭଦ୍ର ଓ ତାଙ୍କ ରୁଦ୍ରଗଣ ପଠାଇ ଯଜ୍ଞ ଧ୍ୱଂସ କରିଦେଲେ ତଥା ଦକ୍ଷଙ୍କ ଶିରଚ୍ଛେଦ କରି ଯଜ୍ଞକୁଣ୍ଡରେ ଦାହ କରିଦେଲେ। ପରେ ସେଇ ଶିବଙ୍କ ସହାୟତାରେ ଦକ୍ଷଙ୍କ କଟାମୁଣ୍ଡ ଯାଗାରେ ଛେଳିମୁଣ୍ଡ ଯୋଡାଗଲା। ଯଜ୍ଞ ସମାପନ ହେଲା, କିନ୍ତୁ ସତୀ ବିହନେ ଶିବ ବଞ୍ଚିବା ଅସହ୍ୟ ମନେକଲେ। ସେ ଦୁଃଖରେ ସତୀଙ୍କ ଦଗ୍ଧ ଶରୀରର ଅବଶିଷ୍ଟ ଅଂଶ କାନ୍ଧରେ ଉଠାଇ ବ୍ରହ୍ମାଣ୍ଡ ମଣ୍ଡଳ ଘୂରିବାରେ ଲାଗିଲେ। ତାଣ୍ଡବ ନୃତ୍ୟ ବି କଲେ। ସର୍ବତ୍ର ହାହାକାର ପଡିଗଲା। ଏହା ଦେଖି ଭଗବାନ ବିଷ୍ଣୁ ତାଙ୍କ ଚକ୍ର ପଠାଇ ଭଗବତୀ ସତୀଙ୍କ ଶରୀରକୁ ଏକାବନ ଖଣ୍ଡ ଭିନ୍ନମତେ ୧୦୮ ଖଣ୍ଡ ଟୁକୁରା ଟୁକୁରା କରିଦେଲେ। ଏ ଦେହାଂଶ ଯେଉଁଠି ପଡିଲା, ସେ ସ୍ଥାନ ପାଲଟି ଗଲା ଗୋଟିଏ ଗୋଟିଏ ଶକ୍ତିପୀଠ। ସେ ଶକ୍ତିପୀଠଗୁଡିକ ଭିନ୍ନ ନାମେ ନାମିତ ହେଲେ। ଯେଉଁଠି ଶକ୍ତି ଭୈରବୀ, ସେଇଠି ଶିବ ଭୈରବ ନାମରେ ସ୍ଥାନିତ ହେଲେ ଓ ପୂଜା ପାଇଲେ।
ତନ୍ତ୍ର ଚୂଡାମଣିରେ ପୀଠ ନିର୍ଣ୍ଣୟ ଅଧ୍ୟାରେ ଲେଖା ଅଛି :
ଉତ୍କଳେ ନାଭିଦେଶସ୍ଥ ବିରଜା କ୍ଷେତ୍ରମୁଚ୍ୟତେ।
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବ ॥
ଏହାର ଅର୍ଥ ହେଲା ଉତ୍କଳ ଭୁଖଣ୍ଡେ ଦେବୀଙ୍କର ନାଭିଭାଗ ପଡିଥିଲା। ଏଣୁ ସମଗ୍ର ଉତ୍କଳ ଦେହ ହେଉଛି ସତୀଙ୍କ ନାଭିକ୍ଷେତ୍ର ଏବଂ ଏହାକୁ ବିରଜା କ୍ଷେତ୍ର ବୋଲି କୁହାଯାଏ। ଏହି କ୍ଷେତ୍ରରେ ବିମଳା ନାମକ ମହାଦେବୀ ଏବଂ ଜଗନ୍ନାଥ ନାମରେ ଭୈରବ ମଧ୍ୟ ବାସ କରନ୍ତି। ଉତ୍କଳ (ଆଧୁନିକ ଓଡ଼ିଶା) ଏକ ଗାଁ କି ସହର ନାଁ ନୁହେଁ, ଏହା ଏକ ଦେଶ ବା ରାଜ୍ୟର ନାମକୁ ଏବେ ବୁଝାଏ। କପିଳ ପୁରାଣରେ ଲେଖା ଅଛି :
ବର୍ଷାଣାଂ ଭାରତଂ ଶ୍ରେଷ୍ଠଂ ଦେଶନମୁତ୍କଳଃ ସ୍ମୃତଃ।
ଉତ୍କଳେନ ସମୋଦେଶୋ ଦେଶୋ ନାସ୍ତି ମହୀତଳେ ॥
'ବିରଜା' ଶବ୍ଦକୁ 'କ୍ଷେତ୍ର'ର ବିଶେଷଣ ରୂପେ କରିବାର ମାନେ ସମଗ୍ର ଉତ୍କଳକୁ ବୁଝାଏ। ଏ ଦେଶର ମହଦେବୀ ବିମଳା ଶ୍ରୀକ୍ଷେତ୍ର ଅଧିଷ୍ଠାତ୍ରୀ, ଯାହାଙ୍କୁ ସମଗ୍ର ଓଡ଼ିଶା ଆରଧନା କରନ୍ତି। ଏହାଙ୍କ ଭୈରବ ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମ ଯିଏକି ସମସ୍ତ ଉତ୍କଳ ଦେଶର ଆରାଧ୍ୟ ଦେବତା ଅଛନ୍ତି। (୧/୮)
କାଳିକା ପୁରାଣରେ ଚାରିଦେଶରେ ଚାରି ପୀଠିକା ଉଲ୍ଲେଖ ଅଛି। ଏଥିରେ ଔଡ୍ର ନାମ ପୀଠକୁ ପ୍ରଥମ ପୀଠ ରୂପେ ଗ୍ରହଣ କରାଯାଉଛି। ଏହି ଔଡ୍ର ପୀଠ ହିଁ ଆଧୁନିକ ଓଡ଼ିଶା ଅଟେ। ଏ ପୀଠ ସଂପର୍କରେ କୁହାଯାଇଛି ଯେ-
ଔଡ୍ରାଖ୍ୟଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଲ ଶୈଳକମ୍।
ତୃତୀୟଂ ପୂର୍ଣ୍ଣ ପୀଠଂ ତୁ କାମ ରୂପଂ ଚତୁର୍ଥକମ୍ ॥
ଔଡ୍ର ପୀଠଂ ପଶ୍ଚିମେ ତୁ ତଥୈ ଔଡ୍ରଶ୍ୱରୀଂ ଶିବାମ୍।
କାତ୍ୟାୟନୀଂ ଜଗନ୍ନାଥମୋଡ୍ରେଶଂ ଚ ପ୍ରପୁଜୟେତ୍ ॥
(କାଳିକା ପୁରାଣ ୬୪/୪୩-୪୪)
ଅଧୁନା ଶ୍ରୀକ୍ଷେତ୍ର ପୁରୀରେ ବିରାଜମାନ ମହାପ୍ରଭୁ ପୁରୁଷୋତ୍ତମ ଚନ୍ଦ୍ରଚୁଡାମଣିର ଉଲ୍ଲିଖିତ ଭୈରବ ଶ୍ରୀ ଜଗନ୍ନାଥ। ଆଉ ଏ ମନ୍ଦିର ବେଢାରେ ପୂଜିତ ଓ ବିମଳା ହିଁ ତାନ୍ତ୍ରିକ ବିମଳା। ଯାଜପୁରର ଦେବୀ ବିରଜା ଏବଂ ପୁରୁଷୋତ୍ତମର ଦେବୀ ବିମଳା ହେଉଛନ୍ତି ସର୍ବ ପ୍ରାଚୀନ ଦେବୀ । ବ୍ରହ୍ମ ପୁରାଣରେ ଉଲ୍ଲେଖ ଅଛି:
ବିରଜେ ବିରଜା ମାତା ବ୍ରହ୍ମାଣୀ ସମ୍ପ୍ରତିଷ୍ଠତା।
ଯସ୍ୟାଃ ସଂଦର୍ଶନାନ୍ମର୍ତ୍ୟଃ ପୁନାତ୍ୟାସପ୍ତମଂ କୂଳମ୍ ॥
କବ୍ଜିକାତନ୍ତ୍ର ଜ୍ଞାନାର୍ଣ୍ଣବର୍ଣ୍ଣ ତଥା ଅଷ୍ଟାଦଶପୀଠ ନିର୍ଣ୍ଣୟ ଇତ୍ୟାଦି ଗ୍ରନ୍ଥରେ ମଧ୍ୟ ବିରଜା ପୀଠର ଉଲ୍ଲେଖ ଅଛି। କପିଳ ପୁରାଣରେ ଉତ୍କଳ ଦେଶକୁ 'କୋଣାର୍କ ପାର୍ବତୀ ହରଃ' କୁହାଯାଇଛି। ଅର୍ଥାତ୍ ଭଗବାନ ବିଷ୍ଣୁ, ସୂର୍ଯ୍ୟଦେବ, ପାର୍ବତୀଦେବୀ ଏବଂ ଭଗବାନ ଶିବ- ଏ ଚାରି ଦେବଦେବୀ ଏଠାରେ ନିତ୍ୟ ନିବାସ କରନ୍ତି। ପାର୍ବତୀ କ୍ଷେତ୍ର ପ୍ରସଙ୍ଗରେ କେବଳ ଯାଜପୁର ବିରଜାଦେବୀଙ୍କ ମହିମା ବର୍ଣ୍ଣନ କରାଯାଇଛି। ମହାଭାରତ ବନପର୍ବ (୮୫/୮୬)ରେ ପାଣ୍ଡବଙ୍କ ପ୍ରସଙ୍ଗରେ ବୈତରଣୀସ୍ଥିତ ବିରଜା ତୀର୍ଥକଥା ଓଡ଼ିଶାର ଗଞ୍ଜାମ ଜିଲ୍ଲାର ତାରାତାରିଣୀ ଏକ ଶକ୍ତିପୀଠ। ଏଠାରେ ଦେବୀଙ୍କର ସ୍ତନ ପଡ଼ିଥିଲା ବୋଲି ପ୍ରମାଣସିଦ୍ଧ ନଥିବା ହେତୁ ସତୀପୀଠ ରୂପେ ବିଶେଷରୂପେ ବିଶେଷ ଗୁରୁତ୍ୱ ଏଯାଏଁ ଦିଆଯାଇନାହିଁ। ବର୍ତ୍ତମାନର ଯାଜପୁର ସହର ପୂର୍ବ କାଳରେ ବିରଜା ନାମରେ ପ୍ରସିଦ୍ଧ ଥିଲା। ଏହା ତାତ୍ତ୍ୱିକ ପ୍ରମାଣରୁ ସ୍ପଷ୍ଟ ଅଟେ। ତେବେ ଯାଜପୁରରେ ବିରଜା ପୀଠ ବୈତରଣୀ ନଦୀ କୂଳରେ ଅବସ୍ଥିତ। ଏ ପୀଠକୁ ବିଦ୍ୱାନମାନେ ନାଭିଗୟା ପୀଠ ବୋଲି କୁହନ୍ତି। ଏ ଏ ଦେବୀଙ୍କର ବାହାନ ସିଂହ। ଇଏ ଦ୍ୱିଭୁଜା ଅଟନ୍ତି। କିମ୍ବଦନ୍ତୀ ଅନୁସାରେ ବ୍ରହ୍ମା ଏଠି ଯଜ୍ଞ କରିଥିଲେ ଏବଂ ଯଜ୍ଞରୁ ବିରଜାଦେବୀ ପ୍ରକଟ ହୋଇଥିଲେ। ଏଠାରେ ଶ୍ରାଦ୍ଧ, ତର୍ପଣ ଇତ୍ୟାଦି କରାଯାଏ ଏବଂ ଏହାକୁ ଚକ୍ରକ୍ଷେତ୍ର ବୋଲି ପ୍ରାଧାନ୍ୟ ଦିଆଯାଇଛି। ଯାଜପୁରର ଦେବୀ ବିରଜା ଉତ୍କଳର ଅଧିଶ୍ୱରୀ ଦେବୀ ଅଟନ୍ତି। ଏହା ସର୍ବମାନ୍ୟ ଏବଂ ଗ୍ରହଣୀୟ ଅଟେ।
ଏଠାରେ ଗୋଟିଏ କଥା ଉଲ୍ଲେଖ କରୁ ଯେ ୫୧ ଶକ୍ତିପୀଠ ମଧ୍ୟରେ ବିରଜା ପୀଠ ଅଛି ଅଥଚ ଭିନ୍ନମତେ ୧୦୮ ଶକ୍ତିପୀଠ ମଧ୍ୟରେ ବିରଜା ପୀଠ ସ୍ଥାନିତ ହୋଇନାହିଁ। ଏହା ପରିବର୍ତ୍ତେ ବିମଳା ପୀଠ, ପୁରୁଷୋତ୍ତମ କଥା ଅଛି। ଉଦାହରଣ ସ୍ୱରୂପ ମତ୍ସ୍ୟପୁରାଣରେ ଲେଖା ଅଛି।
"ଗଙ୍ଗାୟାଂ ମଙ୍ଗଳା ନାମ ବିମଳା ପୁରୁଷୋତ୍ତମେ
ତଥା ଗୟାୟାଂ ମଙ୍ଗଳାପ୍ରୋକ୍ତା, ବିମଳା ପୁରୁଷୋତ୍ତମ।"
(ଦେବୀ ଭାଗବତ ୭/୩୦/୬୪)
ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏବେ ବି ପରମ୍ପରା ଅଛି ଯେ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଭୋଗ ପରେ ଏହା ବିମଳାଙ୍କୁ ପୁନର୍ବାର ସମର୍ପଣ ନକଲେ ଏହା ମହାପ୍ରସାଦରେ ପରିଣତ ହୁଏ ନାହିଁ। ପୁରୀ ଶ୍ରୀମନ୍ଦିର ଏହି ଅନ୍ନ ଭୋଗର ଏହା ହିଁ ବିଶେଷତ୍ୱ।
ଶବ୍ଦାର୍ଥ ଦୃଷ୍ଟିରୁ ବିରଜା ଓ ବିମଳା ଏକ ଦେବୀ ଅଟନ୍ତି। ଏହି ଦୁଇଦେବୀଙ୍କର ସ୍ଥାନ ଭେଦ ଓ ମୂର୍ତ୍ତି ଭେଦ କେବଳ ଉପାସନା ନିମିତ୍ତ କ ଅଟେ। କୃପାମୟୀ ପରମେଶ୍ୱରୀ ଦୁର୍ଗା ହିଁ କାତ୍ୟାୟିନୀ ବିରଜା ଏବଂ ବିମଳା ନାମରେ ଯଥାକ୍ରମେ ଯାଜପୁର ଓ ପୁରୀରେ ଅବସ୍ଥାନ କଲେ ବି ସମଗ୍ର ଉତ୍କଳ/ ଓଡ଼ିଶାକୁ ପବିତ୍ର କରନ୍ତି ଏବଂ ଅନ୍ତେବାସୀଙ୍କ ପାପ ବା ମଳ ନାଶ କରନ୍ତି।
ଆସନ୍ତୁ ଏ ଦୁଇ କ୍ଷେତ୍ର ମଧ୍ୟରେ ଅଧିକ କିଛି ଜାଣିବା :
**ବିରଜା ପୀଠ ଯାଜପୁର :** ଭାରତବର୍ଷର ତୀର୍ଥ ମାନଚିତ୍ରରେ ବିରଜା କ୍ଷେତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ଏକ ଶକ୍ତିପୀଠ ଓ ତନ୍ତ୍ର ପୀଠ ହିସାବରେ ସୁବିଦିତ। ଏଠାରେ ମା' ସତୀଙ୍କର ନାଭି ପତିତ ହୋଇଥିଲ ବୋଲି ପୁରାଣ ବର୍ଣ୍ଣିତ କଥା ଆମେ ଜାଣେ। ଏ ଦେବୀ ବୁଦ୍ଧି ଓ ଜ୍ଞାନର ପ୍ରଦାୟିନୀ ଓ ସମସ୍ତ ଆସୁରିକ ଶକ୍ତିର ବିନାଶକାରୀ। ଏ ମୂର୍ତ୍ତି ଚତୁର୍ଭୁଜା କି ଅଷ୍ଟଭୂଜା ନୁହନ୍ତି, ଦ୍ୱିଭୂଜା। ଏହାଙ୍କର ଏକ ସ୍ତରରେ ମହିଷର ଲାଙ୍ଗୁଳ ଏବଂ ଅନ୍ୟ ହସ୍ତରେ ଶୁଳ, ମସ୍ତକରେ ଗଣପତି ଫଣା ଯୋନି ଓ ଲିଙ୍ଗ ମୁଦ୍ରାରେ ସେ ବିଭୁଷିତ। ଏ ଦେବୀ ଦୁର୍ଗୋତ୍ସବ ସମୟରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ସିଂହ ଧ୍ୱଜା ରଥାରୁଢ ହୋଇ ବେଢା ପରିକ୍ରମା କରନ୍ତି। ଶକ୍ତି ଉପାସନା ସହ ଦେବୀଙ୍କର ଘୋଷଯାତ୍ରା କେବଳ ଉତ୍କଳ ନୁହେଁ, ଭାରତବର୍ଷରେ ମଧ୍ୟ ବିରଳ। ଅଦ୍ୱୈତ ଦର୍ଶନର ବ୍ରହ୍ମତତ୍ତ୍ୱ ସହିତ ଶକ୍ତି ତତ୍ତ୍ୱର ସମନ୍ୱୟ ଓ ତା' ସହିତ ବୌଦ୍ଧ ପରମ୍ପରାର ଘୋଷଯାତ୍ରା ବିରଜା ସଂସ୍କୃତିରେ ଏକାକୀ ହୋଇ ବିରଜାଙ୍କୁ ଅନନ୍ୟା ଭାବେ ପ୍ରତିପାଦିତ କରାଏ।
**ବିମଳା ପୀଠ ପୁରୀ :** ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ବେଢାରେ ମା' ବିମଳାଙ୍କ ମନ୍ଦିର। ଶାରଦୀୟ ପୂଜାରେ ଶାକ୍ତ ଓ ବୈଷ୍ଣବ ମତବାଦର ଶାୟତ ସମନ୍ୱୟ ଦୃଷ୍ଟିରୁ ଦେବୀ ବିମଳାଙ୍କ ପୂଜା ସମଗ୍ର ଶାକ୍ତ ପରମ୍ପରାରେ ଅନନ୍ୟ । ଦେବୀ ଭାଗବତ ପୁରାଣ ମତେ ସେହିଁ ସେ ହେଉଛନ୍ତି ବୃନ୍ଦାବନ ଅଧିକାରୀ ଦେବୀ ସ୍ୱଂସାଧ ମଥୁରାର ମା' ଦେବକୀ ଓ ଦ୍ୱାରକାର ସେ ମା' ରୁକ୍ମିଣୀ। ଆମେ ଜାଣିଛେ ଯେ ମା'ଙ୍କର ନାଭି ଉଭୟ ବିରଜା ଓ ବିମଳା କ୍ଷେତ୍ରରେ ପଡିଥିଲା। ଏ ମା' ପରମ ବୈଷ୍ଣବୀ। ସେ ଏଠାରେ ଷୋଡଶ ଉପଚାର ପୂଜା ପାଆନ୍ତି। ଶ୍ରୀ ଜଗନ୍ନାଥଙ୍କ ପ୍ରସାଦ ମା'ଙ୍କୁ ପୁନଃ ସମର୍ପଣ ନହେଲେ ଏହା ମହାପ୍ରସାଦ ହୁଏ ନାହିଁ। ଆଶ୍ୱିନ ମାସ କୃଷ୍ଣାଷ୍ଟମୀଠାରୁ ଶୁକ୍ଳ ନବମୀ ଯାଏଁ ଶ୍ରୀମନ୍ଦିରରେ ମା'ଙ୍କର ଉପାସନା ହୁଏ। ଏ ମଧ୍ୟରେ ମା'ଙ୍କର ଏଗାରଟି ବେଶ ହୁଏ। ଏମାନଙ୍କ ମଧ୍ୟରେ ଦଶ ମହାବିଦ୍ୟା ବେଶ ପ୍ରଧାନ। ଶ୍ରୀ ଜଗନ୍ନାଥଙ୍କ ପହଡ ପରେ ମହାସପ୍ତମୀ, ଅଷ୍ଟମୀ ଓ ନବମୀ ନିଶାର୍ଦ୍ଧରେ ପଶ୍ଚିମ ଦ୍ୱାର ଦେଇ ଅଣାଯାଇଥିବା ପ୍ରତିଦିନ ଦୁଇଟି କରି ତିନିଦିନରେ ଛ'ଟି ପଶୁବଳି ଦେବାର ପରମ୍ପରା ଚଳିଆସୁଛି। ଏ ବ୍ୟବସ୍ଥା ପ୍ରଥମେ ଓଡ଼ିଆ ମଠ ଓ ମଙ୍ଗୁଳି ମଠ କରିଥାନ୍ତି। ଏବେକୁ ସହଜେ ପଶୁବଳି ନିଷେଧ କାରଣରୁ ପରିବର୍ତ୍ତିତ ବାତାବରଣ ସୃଷ୍ଟି ହୋଇଛି।
ପୁରାଣ ଓ ତନ୍ତ୍ର ଶାସ୍ତ୍ରମତେ ଦକ୍ଷ ଯଜ୍ଞରେ ମା' ସତୀ ନିଜକୁ ବିସର୍ଜନ କଲା ପରେ ତାଙ୍କ ଦେହାବଶେଷକୁ କାନ୍ଧରେ ଧରି ଶିବ ଦୁଃଖରେ ତାଣ୍ଡବ ନୃତ୍ୟ ଆରମ୍ଭ କରି ସମଗ୍ର ବ୍ରହ୍ମାଣ୍ଡ ବୁଲିଲେ। ଏଥିରେ ଭୟଭୀତ ହୋଇ ପୃଥିବୀର ଅନ୍ତେବାସୀ ଥରହର ହେଲେ। ଏକଥା ବିଷ୍ଣୁ ଜାଣିପାରି ତାଙ୍କ ସୁଦର୍ଶନ ଚକ୍ର ପଠାଇ ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ। ଏ ଦେହାଂଶ ଯେଉଁଠି ପଡିଲା ତାହା ହେଲା ଏକ ଏକ ଶକ୍ତିପୀଠ। ଏମିତିରେ ୫୧ଟି ବା ଭିନ୍ନମତେ ୧୦୮ଟି ପୀଠ ସୃଷ୍ଟି ହେଲା। ଏଥିରୁ ପୁରାଣ ମତେ ସତୀଙ୍କର ନାଭି ବିରଜା କ୍ଷେତ୍ର ଓ ଶ୍ରୀକ୍ଷେତ୍ରରେ ପଡିଥିଲା। ଏଣୁ ଓଡ଼ିଶା ପାଇଁ ଏ ଦୁଇଟି ହେଲେ ପ୍ରମାଣ ସିଦ୍ଧ ଶକ୍ତିପୀଠ। ଏହା ବ୍ୟତୀତ ଓଡ଼ିଶାରେ ସେଇ ପ୍ରାଚୀନ କାଳରୁ ଅନେକ ଶକ୍ତିପୀଠ ବିରାଜମାନ କରୁଛି। ସେଥିମଧ୍ୟରୁ ଏଠାରେ କେତେକ ବିଚାରଯୋଗ୍ୟ ମନେ କଲୁ।
**ମା' ଚର୍ଚ୍ଚିକା ପୀଠ ବାଙ୍କୀ :** ବାଙ୍କୀର ଆରାଧ୍ୟ ଦେବୀ ମା' ଚର୍ଚ୍ଚିକା, ସେ ଚର୍ଚ୍ଚିକା ଗିରି ଉପରେ ଆସୀନ। ମା' ଘଟ ଉପରେ ଚାଟେରୀ ଭୋଗ ପାଉଥିବାରୁ ସେ ଚର୍ଚ୍ଚିକା। ଏଠାରେ ବାର ମାସରେ ତେର ପର୍ବ ହୁଏ। ଏଗୁଡିକ ଭିତରୁ ଅଛି ମହାଷ୍ଟମୀ, ରାସପୂର୍ଣ୍ଣିମା, ପଣା ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ବାସନ୍ତିକା ପୂଜା କୁମାର ଓ ପୂର୍ଣ୍ଣିମା ଇତ୍ୟାଦି। ମାଆଙ୍କ ସାମ୍ନାରେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ, ବ୍ୟାଘ୍ରମୁଖ୍ୟ, ସିଂହମୁଖୀ ଦୁର୍ଗା, ଗଙ୍ଗାଯମୁନା, ପଛ ପାର୍ଶ୍ୱରେ ଦକ୍ଷିଣ ଚଣ୍ଡୀ, ଚାମଣ୍ଡା, ଘୁଗୁରାବର୍ଗେ ଇତ୍ୟାଦି ପୂଜା ପାଆନ୍ତି। ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ଯାଏଁ ଷୋଡଶ ଉପଚାରରେ ପୂଜା ହୁଏ। ଅଷ୍ଟମୀ ତିଥିରେ ରାତିରେ ମଇଁଷି ବଳିପଡିଥିବା ଏ ପରମ୍ପରା ଅଛି।
**ମା' ଶାରଳା ପୀଠ ଝଙ୍କଡ଼ :** ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା । କାଳେ କାଳେ ଶାରଳା ହେଉଛନ୍ତି ସପ୍ତସତୀ ଚଣ୍ଡୀ ପୁରାଣ ମତେ ମହାକାଳୀ, ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କର ଏକ ଅପୂର୍ବ ସମାହାର। ତାଙ୍କ ପୂଜାରେ ଉଭୟ ତୁଳସୀ ଓ ବେଲପତ୍ର ଲାଗିଥାଏ। ସେ ଉଭୟ ପରମ ବୈଷ୍ଣମୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି। ଅର୍ଥାତ୍ ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ପୀଠ। ମା'ଙ୍କୁ ପ୍ରତିଦିନ ମାର୍ଜନା ପରେ ପ୍ରଥମେ ଶୁଖିଲା ମହାପ୍ରସାଦ ଭୋଗ ଦିଆଯାଏ। ପ୍ରତି ମାସର କୃଷ୍ଣ ଓ ଶୁକ୍ଳ ପକ୍ଷ ଏକାଦଶୀରେ ମା'ଙ୍କୁ ଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଏ। ଏଠାରେ ପାରମ୍ପରିକ ରୀତିରେ ଚନ୍ଦନ ଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ଅନୁଷ୍ଠିତ ହୁଏ। ସେ ତନ୍ତ୍ର ସାଧାନାର ଆରାଧ୍ୟ ଦେବୀ ଅଟନ୍ତି। ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା- ସାହିତ୍ୟ ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀଭାବେ ଗ୍ରହଣ କରାଯାଏ। ପଞ୍ଚଦଶ ଶତାବ୍ଦୀର କବି ମୂର୍ଖ ସିଦ୍ଧେଶ୍ୱର ପରିଡ଼ା। ମା'ଙ୍କ କୃପାରୁ ବନିଗଲେ ଶାରଳା ଦାସ। ତାଙ୍କ ରଚିତ ଶାରଳା ମହାଭାରତ ଓଡ଼ିଆ ଜାତିର ଏକ ପ୍ରାମାଣିକ ଇତିହାସ।
**ଚଣ୍ଡୀପୀଠ, କଟକ :** ମା' ଚଣ୍ଡୀ କଟକଚଣ୍ଡୀ ଭାବେ ଖ୍ୟାତ। ଏ ଚଣ୍ଡୀଙ୍କ ବିଗ୍ରହ ମରହଟ୍ଟା ଶାସନକାଳରୁ ବାରବାଟୀ ଦୁର୍ଗ ପରିସରରେ ପୂଜା ଦେଖିଲା ପରେ ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ ଆକ୍ରମଣ କାଳରେ ଏ ନୂତନ ପୀଠକୁ ଅପସାରିତ ହୋଇଛି। ଏହା ସର୍ବସାଧାରଣରେ ଦେବୀପୀଠ । ମାଆଙ୍କ ପାଖରେ ଅନ୍ନଭୋଗ ଓ ରାଜଭୋଗ ଲାଗିହୁଏ। ଦେବୀଙ୍କର ବହୁବେଶ ମଧ୍ୟରୁ ଶାରଦୀୟ ଷୋଡଶପୂଜା ଦିବସଗୁଡିକର ଉପଚାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଦେବୀ ମୂଳାଷ୍ଟମୀରେ ସୁନାବେଶ ନବମୀରେ ଭୁବେନଶ୍ୱରୀ, ଦଶମୀରେ ବ୍ରାହ୍ମଣୀ, ଏକାଦଶୀରେ ଉଗ୍ରତାରା, ଦ୍ୱାଦଶୀରେ ହରଚଣ୍ଡୀ, ତ୍ରୟୋଦଶୀରେ ବ୍ରହ୍ମଚାରିଣୀ, ଶୁକ୍ଳ ଦ୍ୱିତୀୟାରେ କାତ୍ୟାୟନୀ ତୃତୀୟାରେ ଜୟଦୁର୍ଗା, ପଞ୍ଚମୀରେ ଗାୟତ୍ରୀ, ଷଷ୍ଠ ସପ୍ତମୀରେ ବଗଳାମୁଖୀ, ମହାଷ୍ଟମୀରେ ମହାକାଳୀ ମହାନବମୀରେ ମହାଲକ୍ଷ୍ମୀ, ବିଶ୍ରାମବେଳେ ସରସ୍ୱତୀ ଓ ଦଶମୀରେ ମହିଷା ମର୍ଦ୍ଦନୀ ବେଶ ହୋଇ ଏକାଦଶୀରେ ସୁନାବେଶ ହୋଇଥାନ୍ତି। ଏ ଦେବୀ ଅତ୍ୟନ୍ତ କଲ୍ୟାଣମୟୀ।
**ସମଲାଇ ପୀଠ, ସମ୍ବଲପୁର :** ଦେବୀ ସମଲାଇ ସମ୍ବଲପୁର ଅଧିଷ୍ଠାତ୍ରୀ ଠାକୁରାଣୀ। ଏଦେବୀଙ୍କ ଦକ୍ଷିଣରେ ଭୁବେନଶ୍ୱରୀ ଓ ଘଣ୍ଟେଶ୍ୱରୀ ପୂଜା ପାଆନ୍ତି। ମନ୍ଦିର ଗାତ୍ରରେ ଦଶମହାବିଦ୍ୟା ସହିତ ଖମ୍ବେଶ୍ୱରୀ ବିରାଜମାନ କରନ୍ତି। ଏ ମନ୍ଦିର ବେଢାରେ ମା'ଙ୍କ ମନ୍ଦିର ବ୍ୟତୀତ ବୈଭବ ମନ୍ଦିର, ମଉଳି ଦେବୀ ମନ୍ଦିର ଓ ଅଖଡ ହନୁମାନ ମନ୍ଦିର ମାନ ସ୍ଥାନ ପାଇଛନ୍ତି। ମନ୍ଦିର ପରିସରର ମଧ୍ୟ ଭାଗରେ ଅଷ୍ଟଧାତୁରେ ନିର୍ମିତ ଏକ ବିରାଟ ସିଂହମୂର୍ତ୍ତି ବର୍ତ୍ତମାନ ହୋଇଛି। ମା' ତାଙ୍କର ମଙ୍ଗଳା ଆଳତି ହୁଏ ଭୋର ୫ଟାରେ ଏହାପରେ ପୂଜାର୍ଚ୍ଚନା ଲାଗି ରହେ। ମଧ୍ୟାହ୍ନରେ ଅନ୍ନଭୋଗ ଓ ପରେପରେ ମା'ଙ୍କ ପହଡ ହୁଏ। ମା'ଙ୍କ ପୀଠରେ ଶ୍ରେଷ୍ଠ ପର୍ବ ହେଉଛି ନୂଆଖାଇ। ଏହିଦିନ ନୂଆ ଧାନର ଚାଉଳରେ ମା'ଙ୍କ ଅନ୍ନଭୋଗ କରାଯାଏ ପାଖାପାଖି ୧୧୨ଟି ସ୍ଥାନରେ । ମନ୍ଦିରରେ, ଶାରଦୀୟ ପାର୍ବଣର ଚମକ ଏଠି ବେଶ୍ ଚମକପ୍ରଦ। ଆଶ୍ୱିନ ମୂଳାଷ୍ଟମୀରୁ ଏ ପର୍ବ ଆରମ୍ଭ ହୁଏ । ଦଶହରା ଦିନ ଦେବୀ ଧବଳ ମୂଖୀ ବେଶ ଧାରଣ କରନ୍ତି। ଏହାକୁ 'ଗଙ୍ଗାଦର୍ଶନ' ବେଶ କୁହାଯାଏ। ଏ ଦର୍ଶନରେ ପୁଣ୍ୟ ଗଙ୍ଗା ବୁଡ଼ ସହ ସମାନ। ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ମା'ଙ୍କର ନବରାତ୍ରି ପୂଜା ଆରମ୍ଭ। ଏହି ସମୟରେ ଏଠାରେ ଭିଡ ଜମେ।
**ମା' ହିଙ୍ଗୁଳା ପୀଠ, ତାଳଚେର :** ତାଳଚେରର ହିଙ୍ଗୁଳା ଏକ ଅନନ୍ୟ ଓ ଅଲୌକିକ ଶକ୍ତିପୀଠ। ଏ ପୀଠରେ ବର୍ଷସାରା ନାନାପର୍ବ ପର୍ବାଣୀ ପାଳିତ ହୁଏ ଏବଂ ବାସନ୍ତିକ ପୂଜା ଓ ହିଙ୍ଗୁଳା ଯାତ୍ରା ଏମାନଙ୍କ ମଧ୍ୟରେ ପ୍ରଧାନ। ମାଆଙ୍କର ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରାର ଚୈତ୍ର ଶୁକ୍ଳ ପକ୍ଷ ବିଷୁବ ମକର ଚତୁର୍ଦ୍ଦଶୀରେ ଅନୁଷ୍ଠିତ ହୁଏ। ଏହା ହିଙ୍ଗୁଳା ଯାତ୍ରା ଭାବରେ ଖ୍ୟାତ। ଏ ଦେବୀ ଅଗ୍ନି ରୂପରେ ଆବିର୍ଭୂତା ଅଗ୍ନିସମ୍ଭୁତା ଓ ଶାବରୀ ମନ୍ତ୍ରରେ ବଶୀଭୂତ ଓ ପୂଜିତା। ଏ ମା' ଶୁମ୍ଭ ନିଶୁମ୍ଭ ବଧ କରିଥିଲେ ବୋଲି କୁହାଯାଏ। ଅଷ୍ଟମହାବିଦ୍ୟା ଯେଉଁମାନେ କି ସୁବଳ ଓ ଦୁଲୁଭିକୁ ମାରିବାକୁ ଯାଇଥିଲେ ସେମାନଙ୍କ ମଧ୍ୟରେ ହିଙ୍ଗୁଳା ହିଁ ଅନ୍ୟତମ। ହିଙ୍ଗୁଳା ଯାତ୍ରା ଦିନ ଅଗ୍ନିର ଲେଲିହାନ ଶିଖାରେ ମା' ସର୍ବସାଧାରଣଙ୍କ ଦର୍ଶନ ଦେଇଥାଆନ୍ତି। ଏ ଯାତ୍ରାର କାର୍ଯ୍ୟକ୍ରମ ଚୈତ୍ରମାସ ପ୍ରଥମ ଗୁରୁବାର ଠାରୁ ଆରମ୍ଭ ହୁଏ। ଏଠାରେ ଭକ୍ତ ତା' ନୈବେଦ୍ୟକୁ ନିଜ ହାତରେ ଦେବୀଙ୍କୁ ସମର୍ପଣ କରେ ଯାହାକି ଅନ୍ୟାନ୍ୟ ଧର୍ମପୀଠ ଠାରୁ ଏକ ବ୍ୟତିକ୍ରମ। ଏ ପୀଠ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଏକ ମିଳନ ପୀଠ।
**ମା' ତାରିଣୀ ପୀଠ, ଗଞ୍ଜାମ :** ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଠାରୁ ମାତ୍ର ୭ କିମି ଦୂରରେ ଏ ତାରିଣୀ ପୀଠ ଅବସ୍ଥିତ। ଏ ପୀଠ ପାହାଡ ଉପରେ ଅବସ୍ଥିତ। ଏଣୁ ପାହାଡ ତଳୁ ଏଠକି ଯିବାକୁ ୯୯୯ଟି ପାହାଚ ଚଢିବାକୁ ହୁଏ। ଏ ପୀଠ ସାରାଭାରତ ବିଖ୍ୟାତ। ଶୁଣାଯାଏ ଏ ପୀଠରେ ମା' ସତୀଙ୍କର ସ୍ତନ ପତିତ ହୋଇଥିଲା। ଅବଶ୍ୟ ପ୍ରମାଣ ସିଦ୍ଧ ନୁହେଁ। ଏଣୁ ଏହାର ନାମ ସ୍ତନପୀଠ। ଏ ପୀଠରେ ଶାରଦୀୟ ପାର୍ବଣ ବେଶ ଉତ୍ସବମୁଖର। ନବରାତ୍ରି ଅବସରରେ ବେଶ୍ ଲୋକାରଣ୍ୟ। ଏଠାରେ ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ଯାଏ ଶାରଦୀୟ ଦୁର୍ଗପୂଜା ଅନୁଷ୍ଠିତ ହୁଏ। ଏହି ଅବସରରେ ମା'ଙ୍କୁ ପ୍ରତଦିନ ତିନିଥର ମାଜଣା, ଚଣ୍ଡୀପାଠ, ଷୋଡଶ ଉପଚାର, ହୋମ ଆଦି ପୂଜାର୍ଚ୍ଚନା ପରମ୍ପରା ଅନୁଯାୟୀ କରାଯାଇଥାଏ। ଏ ପୀଠରେ ବଳି ନିଷେଧ। ଏଠାରେ ଦେବୀ ତ୍ରୋୟୋଦ୍ଧିଠାରୁ ଅଧିଷ୍ଠିତ।
**ମଙ୍ଗଳା ପୀଠ, କାକଟପୁର :** ମା' ମଙ୍ଗଳା ଖାଲି କାକଟପୁର ନୁହେଁ ସମସ୍ତ ପୁରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ। ମା' ବିମଳାଙ୍କ ପରି ଏ ଦେବୀ ଜଗନ୍ନାଥଙ୍କ ସହିତ ସମ୍ପର୍କିତ। ନବକଳେବର ବେଳେ ଏ ଦେବୀଙ୍କର ପାଖରେ ମନ୍ଦିର ପଣ୍ଡାମାନେ ଶରଣ ପଶନ୍ତି। ଦେବୀ ସେମାନଙ୍କୁ ସ୍ୱପ୍ନାଦେଶରେ ନୂତନ ଦାରୁ ସଂଗ୍ରହର ବାର୍ତ୍ତା ଦେଲେ ସେମାନେ ଦାରୁ ଅନ୍ୱେଷଣରେ ଯାଆନ୍ତି। ଏ ମା'ଙ୍କୁ ପ୍ରତ୍ୟକ୍ଷ ଦେବୀ ଭାବରେ ଗ୍ରହଣ କରାଯାଏ। ଦୁର୍ଗାପୂଜା ଏଠାରେ ମହାସମାରୋହରେ ପାଳିତ ହୋଇଥାଏ। ଏହି ପାର୍ବଣରେ ଏଠାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆରମ୍ଭ କରି ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ପରମ୍ପରା କ୍ରମେ ଦେବୀଙ୍କର ଯାବତୀୟ ବେଶ ଭୋଗରାଗ କରାଯାଇଥାଏ। ମଙ୍ଗଳା ପୀଠକୁ ଏକ ପର୍ଯ୍ୟଟନ ପୀଠ ଭାବରେ ଏବେ ଲୋକେ ଗ୍ରହଣ କରିନେଇଗଲେଣି। ଏ ହେଉଛନ୍ତି ସର୍ବକଲ୍ୟାଣମୟୀ ମା' ମଙ୍ଗଳା।
**ଓଡ଼ିଶାରେ ଅନ୍ୟାନ୍ୟ ଶକ୍ତିପୀଠ :** ଉପରୋକ୍ତ ଶକ୍ତିପୀଠଗୁଡିକ ବାଦ ଦେଲେ ଆଉ ଯେଉଁ ପୀଠଗୁଡିକ ଓଡ଼ିଶାରେ ବିଦ୍ୟମାନ ଅଛନ୍ତି ସେମାନେ ହେଲେ ଗଞ୍ଜାମର ନାରାୟଣୀ, ବ୍ରହ୍ମପୁରର ବଡ ଠାକୁରାଣୀ, ଚିଲିକାର କାଳିଜାଇ, ବ୍ରହ୍ମଗିରିର ଚଣ୍ଡୀ, କୋଣାର୍କର ରାମଚଣ୍ଡୀ, ନରସିଂହପୁରର ଭଟ୍ଟାରିକା, ଘଟଗାଁର ତାରିଣୀ ଉଗ୍ରତାରା ପୀଠ, ଭୁଷଣ୍ଡପୁର, ଗୌରୀ ବା ଭୁବେନଶ୍ୱରୀ ପୀଠ ଭୁବନେଶ୍ୱରରେ ପ୍ରଧାନ ଅଟନ୍ତି । ଏହା ବ୍ୟତୀତ ପ୍ରତି ଗାଁ ପଡା, ସହର ଓ ଗଳିକନ୍ଦିରେ ଦେବୀ ବିଭିନ୍ନ ନାମରେ ରକ୍ଷାକାରୀ ଭାବେ ପୂଜିତ ହୁଅନ୍ତି। ପର୍ବପର୍ବାଣୀ ବିବାହ ଉତ୍ସବରେ ଓ ସମସ୍ତ ପ୍ରକାର ଅନୁକୁଳ ପାଇଁ ମା'ଙ୍କୁ ପ୍ରଥମେ ଲୋଡାଯାଏ। ସମସ୍ତ ଓଡ଼ିଶାର ହିନ୍ଦୁ ପରମ୍ପରାରେ ମା' ଆରାଧ୍ୟ ଦେବୀ। ସାଂପ୍ରଦାୟିକ ସଦ୍ଭାବରେ ସେ ଅନେକ ସ୍ଥାନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ମଧ୍ୟ ଗ୍ରହଣୀୟ ଅଟନ୍ତି। ପ୍ରତିବର୍ଷ ଆଶ୍ୱିନ ମାସ ଦଶହରା ଅବସରରେ ମା'ଙ୍କର ପୂଜା ବିଶେଷକରି କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳ ଦଶମୀ ଯାଏ ମହା ଧୂମଧାମରେ ପାଳିତ ହୁଏ। ପରାମ୍ପରା କ୍ରମେ ଏହି ଅବସରରେ ବିଶେଷକରି ଦଶହରା ଦିନ ଖଣ୍ଡାୟତର ଖଣ୍ଡା, ନାପିତର ଖୁର, ନହୁରୁଣୀ କରଣର ଲେଖନୀ, ପାଇକମାନଙ୍କର ଢାଲ ଓ ଖଣ୍ଡା ଓ ଏମିତି ଯାହାର ଯେମିତି ବ୍ୟବସାୟିକ କୌଳିକ ସରଞ୍ଜାମ ପୂଜା ପାଏ। ସନ୍ଧ୍ୟାକୁ ପୂଜାପରେ ଏଗୁଡିକର ଅନୁକୂଳ ହୁଏ। ବଡ ବଡ ସହର ବା ନଗରରେ ଦେବୀ ମଣ୍ଡପ ଉପରେ ସୁସଜ୍ଜିତ ମେଢ ଓ ତୋରଣ ମଧ୍ୟରେ ଅଧିଷ୍ଠିତ ହୁଅନ୍ତି। ଏବେ କେତକ ଜାଗାରେ ବିଶେଷକରି କଟକରେ ଦେବୀଙ୍କ ନିମନ୍ତେ ସୁନା ରୁପାରେ ମେଢ ମଧ୍ୟ ଦେଖିବାକୁ ହେଲାଣି। ଓଡ଼ିଶାରେ କେତେକ ଦୁର୍ଗାପୂଜା ସର୍ବପ୍ରାଚୀନ। ଏଠି ମହାଧୁମଧାମରେ ଏ ପର୍ବ ପାଳିତ ହୁଏ ଏବଂ ଦେଖଣାହାରୀମାନେ ବହୁ ସଂଖ୍ୟାରେ ଏଠାକୁ ଆସନ୍ତି। ଅଧୁନା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଦୁର୍ଗାପୂଜା ହେଲାଣି। ଦୁର୍ଗାପୂଜା ଉପଭୋଗ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସାମୂହିକ ଛୁଟିର ବ୍ୟବସ୍ଥା ଅଛି। ଏହା ମଧ୍ୟ ପାରିବାରିକ ଓ ବନ୍ଧୁ ମିଳନ ଏକ ମୁହୂର୍ତ୍ତ। ଏଣୁ ପ୍ରତିବର୍ଷ ଦୁର୍ଗାପୂଜାକୁ ସମସ୍ତଙ୍କର ଅପେକ୍ଷାଥାଏ। ଆସନ୍ତୁ ଭକ୍ତିପୂତ ଚିତ୍ତରେ ଏ ଦେବୀମାନଙ୍କୁ ପ୍ରଣାମ କରିବା ଏବଂ ସେମାନଙ୍କର ଠାରୁ ଆଶୀର୍ବାଦ ଭିକ୍ଷା କରିବା।
ଯା' ଦେବୀ ସର୍ବଭୁତେଷୁ ଶକ୍ତି ରୂପେଣ ସଂସ୍ଥିତା।
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ॥

*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ*
*ଦୂରଭାଷ : ୯୯୩୮୩୪୪୧୩୮*


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ମୋ ସହର

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ - ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କ ଅନ୍ତର୍ନିହିତ କଳା ଓ ପ୍ରତିଭାର ବିକାଶ ପାଇଁ ଏକ ପ୍ରୟାସ

ବଲାଙ୍ଗିର, (ପି.ଏନ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀର ର ଆୟୋଜନ କ୍ରମେ ସରକାରୀ ଶିକ୍ଷ ଅନୁଷ୍ଠାନ, ବଲାଙ୍ଗୀର ଠାରେ ମହକ ଓ ଉତ୍ସାହ- ୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷ ଅନୁଷ୍ଠାନର ଅଧକ୍ଷ ଉପସ୍ତିତ ରହି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ।ଏହି ଅବସରରେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣକୁ ପ୍ରସ୍ଫୁଟିତ କରିବାପାଇଁ ବିଭିନ୍ନ ପ୍ରତିଯୋଗୀତା ଯଥା ୧୦୦/୨୦୦ ମିଟର ଦୌଡ, ଲମ୍ଫ ଡିଆଁ, ସଙ୍ଗୀତ,ଗ୍ରୁପ ମଧମର ନାଚ, କୁଇଜ, ବକୃତା, ନୃତ୍ୟ, କେରମ୍ ଚେସ, ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟ ର ଆଇନ ପରିବିକ୍ଷକ ଦିଗମ୍ବର କର ପରିଚାଳନା କରିଥିବା ବେଳେ ୟୁନିଟ ର ସୁଧାଂଶୁ ଶେଖର କୁମ୍ଭାର,ଗଣେଶ କୁମ୍ଭାର, ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଓ ସଭ୍ୟ/ ସଭ୍ୟା ମାନେ ଉପସ୍ଥିତ ଥିଲେ।ଏହି ଅବସରରେ ପାର୍ବତୀଗିରି ବାଲ୍ ନିକେତନ, ଆଦୃତ ଶିଶୁ ଗୃହ, ପଥର ଚେପା, ସପ୍ତଶ୍ରୀ ସେବାଶ୍ରମ, ଦେଓଗାଁ, ଉତ୍କଳ ବାଲାଶ୍ରମ, କଣ୍ଟାବାଞ୍ଜି ଓ ଗ୍ରାମ ମଙ୍ଗଳ ପାଠାଗାର, ସଲେପାଲିର ଶିଶୁ ଗୃହରୁ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଉଦଯାପନି ଉତ୍ସବରେ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଧକ୍ଷ, ଗନ୍ଧମାର୍ଦନ ଶିକ୍ଷ ଅନୁଷ୍ଠାନର ଅଧକ୍ଷ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଲମ୍ବୋଦର ଦିପ, ପୂର୍ବତନ ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ନନ୍ଦକିଶୋରେ ଷାଣ୍ଡ, ଡକ୍ଟର ଗୋଦାବରୀଶ ରଥ ଉପସ୍ଥିତ ରହି କୃତି ଛାତ୍ର/ ଛାତ୍ରୀ ମାନଙ୍କୁ ପୁରସ୍କାର ଓ ସିଲ, କପ୍ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଶେଷ କରିଥିଲେ।

## ସ୍କ୍ରବ୍ ଟାଇଫସ୍ ରୋଗୀଙ୍କୁ ରକ୍ତଦାନ କଲେ ଯୁବ କୁଲୁତା ସମାଜ ସଦସ୍ୟ

ବଲାଙ୍ଗିର,(ପି.ଏନ)ଦିନକୁ ଦିନ ବଲାଙ୍ଗିରରେ ସ୍କ୍ରବ୍ ଟାଇଫସ୍ ଓ ଡ଼େଙ୍ଗୁ ଭଳିଆ ରୋଗ ଲୋକଙ୍କୁ ଆକ୍ରାନ୍ତ କରୁଥିବା ଦେଖିବାକୁ ମିଳୁଛି । ପରିବେଶ ଦୂଷିତ ହେବା ଦ୍ୱାରା ଏଭଳି ରୋଗ ହେଉଥିବା ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି । ଦେଓଗାଁ ବ୍ଲକ ସମରା ଗ୍ରାମର ସଂଜୟ ପ୍ରଧାନ ସ୍କ୍ରବ୍ ଟାଇଫସ୍ ଓ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ବଲାଙ୍ଗିରର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରରେ ପ୍ଲାଟଲେଟ ପରିମାଣ କମିଯାଇଥିବାରୁ ଡାକ୍ତର ରକ୍ତ ଦେବା ପାଇଁ କହିଥିଲେ । ରକ୍ତ ପାଇଁ ତାଙ୍କ ସମ୍ପର୍କୀୟ ଭାଇ ଝସ କୁମାର ପ୍ରଧାନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ସହଯୋଗ ମାଗିଥିଲେ । ଜିଲ୍ଲା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଖପ୍ରାଖୋଲ ବ୍ଲକ ଉପ-ସଭାପତି ଉମେଶ କୁମାର ପ୍ରଧାନ ଆସି ରକ୍ତଦାନ କରିଥିଲେ ।

## ଭାରତ ପକ୍ଷରୁ ୧୮ ଜଣ ନେପାଳୀ ନାଗରିକଙ୍କୁ ଇସ୍ରାଏଲରୁ ସ୍ଥାନାନ୍ତର

ନୂଆଦିଲ୍ଲୀ,(ପି.ଏନ): ଯୁଦ୍ଧ ସମୟରେ ଇସ୍ରାଏଲରୁ ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଆରମ୍ଭ ହୋଇଥିବା 'ଅପରେସନ୍ ଅଜୟ' ଅଧୀନରେ ଲୋକଙ୍କୁ ନିଜ ଦେଶକୁ ଫେରାଇବା ଜାରି ରହିଛି। ଏହି ଅପରେସନ ମାଧ୍ୟମରେ ନେପାଳର ୧୮ଜଣ ନାଗରିକ ସମେତ ୨୮୬ ଭାରତୀୟ ନାଗରିକଙ୍କୁ ନେଇ ପଚଂମ ବିମାନ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପହଚିଂଛି। ଏହା ଦର୍ଶାଉଛି ଯେ ଭାରତ ପୁଣି ଥରେ ପଡୋଶୀ ଦେଶମାନଙ୍କ ନିକଟରେ ଠିଆ ହୋଇଛି ଏବଂ ନାଗରିକମାନଙ୍କୁ ମଧ ସାହାଯ୍ୟର ହାଥ ବଢାଉଛି।ବିମାନବନ୍ଦରରେ ସୂଚନା ଓ ପ୍ରସାରଣ ଏବଂ ମତ୍ସ୍ୟ ବିଭାଗ, ପଶୁପାଳନ ଏବଂ ଦୁଗ୍ଧ ବିଭାଗର କେନ୍ଦ୍ର ମନ୍ତ୍ରୀ ଏଲ୍ ମୁରୁଗାଁ ଉଦ୍ଧାର ହୋଇଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେଏବଂ ଟୁଇଟ କରି ସମସ୍ତଙ୍କୁ ଏହି ସମ୍ବନ୍ଧୀୟ ଜଣାଇଥିଲେ। ନେପାଳର ବୈଦେଶିକ ମନ୍ତ୍ରୀ ଏନ୍.ପି. ସାଉଦ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଉପରୋକ୍ତ ଉଦ୍ଧାର କାର୍ଯ୍ୟରେ ଭାରତ ମିଆଁମାର, ବାଁଲାଦେଶ, ମାଳଦ୍ୱୀପ, ଚୀନ, ଆମେରିକା, ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ନାଗରିକମାନଙ୍କୁ ମଧ ଉଦ୍ଧାର କରିଛି।ଉପରୋକ୍ତ ଉଦ୍ଧାର କାର୍ଯ୍ୟ ସମୟରେ ଭାରତ କେବଳ ନିଜର ଲୋକଙ୍କୁ ନୁହେଁ ମିଆଁମାର, ବାଂଲାଦେଶ, ମାଲଦ୍ୱୀପ, ଚ୍ୱୀନ, ଆମେରିକା, ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ନାଗରିକମାନଙ୍କୁ ମଧ ଉଦ୍ଧାର କରିଥିଲା।

## ଯାତ୍ରୀବାହୀ ବସ୍ ଆମ୍ବୁଲାନ୍ସ ମୁହାମୁହିଁ ଧକ୍କା

ଭଦ୍ରକ, (ପି.ଏନ): କ୍ରିଷ୍ଣା ନାମକ ଏକ ଘରୋଇ ଯାତ୍ରିବାହୀ ବସ୍ ୨ଘଟିକା ୧୫ ମିନିଟ୍ ରେ ଭଦ୍ରକର ବନ୍ତ ଛକରୁ ଯାତ୍ରୀଙ୍କୁ ନେଇ ଆଗରପଡ଼ା ଅଭିମୁଖେ ଆସୁଥିଲା। ଠିକ୍ ଏହାର ୧୫ମିନିଟ୍ ପରେ ବରପଦା ନିକଟସ୍ଥ ଅରଞ୍ଜି ଠାରେ ଉକ୍ତ ବସ୍ କୁ ସମ୍ମୁଖ ପଟୁ ଦୃତ ଗତିରେ ଆସି ଓଡି ୨୨ ପି ୫୧୧୫ ନମ୍ବର ବିଶିଷ୍ଟ ଆମ୍ବୁଲାନ୍ସଟି ମୁହାମୁହି ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। କିଛି ଯାତ୍ରୀ ପାଣିରେ ପଡ଼ି ଚିତ୍କାର କରୁଥିବା ବେଳେ ଗୁରୁତର ୪ଜଣଙ୍କ ମଥା ଓ ହାତରେ ଗଭୀର ଆଘାତ ଲାଗିଛି। ଆହତଙ୍କୁ ସ୍ଥାନୀୟ ଅ ଳବାସୀ ଉଦ୍ଧାର କରି ନିକଟସ୍ଥ ବରପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଭଦ୍ରକ ମୁଖ୍ୟ ଚ ି କ ି ତ୍ସ ା ଳ ୟ କ ୁ ପଠାଇଥିଲେ,ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର କହିଛନ୍ତି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ବସ୍‌ଟିର ସମ୍ମୁଖ ଭାଗ ବ୍ୟାପକ କ୍ଷତି ଘଟିଛି। ଆମ୍ବୁଲାନ୍ସଟି ନିକଟସ୍ଥ ବରପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଥିବା ବେଳେ କାଣ୍ଡବା ଗ୍ରାମର ଚାଳକ ବିଦ୍ୟାଧର ଜେନା ଏହାକୁ ଚଲାଉ ଥିଲେ। ସେ ନିଜର କାର୍ଯ୍ୟ ସାରି ଆମ୍ବୁଲାନ୍ସ ରଖିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ଆଗରପଡ଼ାରୁ ଦମକଳ ବାହିନୀ ଘଟଣା ସ୍ଥଳରେ ପହ ି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲା। ବନ୍ତ ବିଡିଓ ପ୍ରଦିପ କୁମାର ସେଠୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟକୁ ତ୍ୱରାନିତ କରିଥିବା ବେଳେ ଭଦ୍ରକ ଗ୍ରାମା ଳ ପୋଲିସ୍ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା। ସନ୍ଧ୍ୟାରେ କ୍ରେନ୍ ଯୋଗେ ଦୁର୍ଘଟଣା ଗ୍ରସ୍ତ ବସ୍‌କୁ ଉଠାଯିବା ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ ବରପଦାରୁ ଆଗରପଡ଼ା ୧୪କି.ମି ପୂର୍ତ୍ତ ବିଭାଗ ରାସ୍ତାଟି ଦିର୍ଘ ବର୍ଷ ହେବ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏବେ କିଛି ସ୍ଥାନରେ ତାଳିପକା କାର୍ଯ୍ୟ ଚାଲିଛି। ରାସ୍ତାର ଏହି ଦୁରାବସ୍ଥା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ଅ ଳବାସୀ ଅଭିଯୋଗ କରିଛନ୍ତି। ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଘଟଣାର ଖବର ପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହ୍ ଆହତଙ୍କ ଚିକିତ୍ସା ସଂପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତରଙ୍କ ସହ ଆଲୋଚନା କରି ସୁବନ୍ଦୋବସ୍ତ କରିଛନ୍ତି।

## ଏମଭି ୨ ଗ୍ରାମର ସାନ୍ତାଳୀ ଲୋକ ଏସଡ଼ିଏସ ଅଧ୍ୟକ୍ଷଙ୍କୁ ଜଣାଇଲେ ତାଙ୍କ ସମସ୍ୟା

ମାଲକାନଗିରି, (ପି.ଏନ); ମାଲକାନଗିରି ପୌରରିଷଦ ଏମଭି ୨ ଠାରେ ଆଜି ଅପରାହ୍ନରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ପହଂଚିବା ପରେ ସାନ୍ତାଳୀ ସମ୍ପ୍ରଦାୟ ଦ୍ୱାରା ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସେମାନଙ୍କ ଦ୍ୱାରା ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସ୍ଥାନୀୟ ଏସ ଡି ସି ମେମ୍ବର ଏବଂ ସ୍ଥାନୀୟ ମା ମାନେ ଉପସ୍ଥିତ ଥିବା ବେଳେ ଅନେକ ବରିଷ୍ଠ ନାଗରିକ ଓ ଯୁବକ ଭାଇ ମାନେ ଯୋଗ ଦେଇଥିଲେ। ଏହି ସଭାରେ ସେମାନେ ତାଙ୍କ କଳା ସଂସ୍କୃତି ପରମ୍ପରା ବିଷୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷଙ୍କୁ ଅବଗତ କରେଇଥିଲେ। ସବୁ ଶୁଣିବା ପରେ ଶ୍ରୀ ରାବା କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣ ମାନଙ୍କ କଳା, ସଂସ୍କୃତି, ପରମ୍ପରା ବଜାୟ ରଖିବା ଲାଗି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମଧ୍ୟରେ ବାଦ୍ୟ ଯନ୍ତ୍ର ଠୁ ଆରମ୍ଭ କରି ପାରମ୍ପରିକ ପୋଷାକ ଆଭୁଷଣ ପୂଜା ସ୍ଥଳୀ ଏଭଳି ଅନେକ ଗୁଡ଼ାଏ ଯୋଜନା କରିଛନ୍ତି। ଯାହାଦ୍ୱାରା କି ଆପଣ ମାନେ ନିଜର କଳା ସଂସ୍କୃତିକୁ ଆହୁରି ବ୍ୟାପକ ମାତ୍ରାରେ ପ୍ରୋତ୍ସାହନ ଦେଇପାରିବେ ଏବଂ ଖୁବଶୀଘ୍ର ଏହି ସବୁ ଯୋଜନାର ଉପଲବ୍ଧି ଆପଣ ମାନେ ପାଇପାରିବେ ବୋଲି ଶ୍ରୀ ରାବା ପ୍ରକାଶ କରିଥିଲେ।ଆଜିର ଏହି ସଭାରେ ରାଜନ୍ନା ମାରାଣ୍ଡି, ସନାତନ ମାଡକାମି, ମୁନା ମାଡକାମି, ସୁରେଶ ମାରଦି, ସୁବମ ହାସଦା, ବିଷ୍ଣୁ ସୋରେନ, ଅନିଲ ମାରଦି, ମୁନ୍ତେଶ ମୁର୍ମୁ ଏବଂ ବହୁ ସଂଖ୍ୟାରେ ମହିଳା ମାନେ ଉପସ୍ଥିତ ଥିଲେ।

## ଆସୋଚାମ୍‌ର ୧୮ତମ ଆନୁଆଲ୍ ସମିଟ୍ ଆଣ୍ଡ ଆୱାର୍ଡସ୍‌ରେ ୩ଟି ସମ୍ମାନ ଜିତିଛି ଆଇଡିବିଆଇ ବ୍ୟାଙ୍କ

ଭୁବନେଶ୍ୱର,(ପି.ଏନ) : ଆସୋଚାମ୍ ପକ୍ଷରୁ ଏହାର ୧୮ତମ ଆନୁଆଲ ସମିଟ ଆଣ୍ଡ ଆୱାର୍ଡସ୍- ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ ସେକ୍ଟର ଲେଣ୍ଡିଙ୍ଗ୍ କମ୍ପାନୀଜ୍‌ରେ ଆଇଡିବିଆଇ ବ୍ୟାଙ୍କକୁ ୩ଟି ସମ୍ମାନ ପ୍ରଦାନ କରାଯାଇଛି। ବ୍ୟାଙ୍କକୁ ମିଡ୍-ସାଇଜ୍ ବ୍ୟାଙ୍କ ସେଗ୍‌ମେଂଟ୍‌ରେ 'ବେଷ୍ଟ ଡିଜିଟାଲ ଇନିସିଏଟିଭ୍' ବର୍ଗରେ ବିଜେତା ଏବଂ 'ବେଷ୍ଟ ରିସ୍କ ଆଣ୍ଡ ସାଇବର ସିକ୍ୟୁରିଟି ଇନିସିଏଟିଭ୍ସ' ଓ 'ବେଷ୍ଟ ପ୍ରଡକ୍ଟ/ ସର୍ଭିସ୍ ଇନୋଭେଶନ' ବର୍ଗରେ ରନରଅପ୍ ଘୋଷଣା କରାଯାଇଛି। ଆଇଡିବିଆଇ ବ୍ୟାଙ୍କର ଡିଏମ୍‌ଡି ଶ୍ରୀ ସୁରେଶ ଖତନହାର, ଆର୍‌ବିଆଇର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ଅଜୟ କୁମାର ଚୌଧୁରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଆର୍‌ବିଆଇର ପୂର୍ବତନ ଡେପୁଟୀ ଗଭର୍ଣ୍ଣର ଏନ୍.ଏସ୍ ବିଶ୍ୱନାଥନ୍, ଆସୋଚାମ୍‌ର ଅଧକ୍ଷ ଓ ଏନ୍‌ଏବିଏଫ୍‌ଆଇଡିର ପରିଚାଳନା ନିର୍ଦ୍ଦେଶକ ରାଜକିରନ ରାୟ ଏବଂ ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ କ୍ଷେତ୍ରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମେଡ୍‌ସିସ୍ ପାଥ୍‌ଲ୍ୟାବ୍‌ସର ୧୦୦% ଅଂଶଧନ ଅଧିଗ୍ରହଣ କରିଛି ମଣିପାଲ ହେଲ୍‌ଥମ୍ୟାପ୍

ଭୁବନେଶ୍ୱର,(ପି.ଏନ) : ବେଙ୍ଗାଲୁରୁ-ସ୍ଥିତ ନିଦାନ ସେବା ପ୍ରଦାତା ମଣିପାଲ ହେଲ୍‌ଥମ୍ୟାପ୍ ପକ୍ଷରୁ ହାଇଦ୍ରାବାଦ-ସ୍ଥିତ ମେଡିସିସ୍ ପାଥ୍‌ଲ୍ୟାବ୍‌ସର ୧୦୦% ଅଂଶଧନ ଅଧିଗ୍ରହଣ କରାଯାଇଛି। ଏହାର ମୂଳ ବ୍ରାଣ୍ଡ ମଣିପାଲ ଟ୍ରୁଟେଷ୍ଟ ଅଧିନରେ ମଣିପାଲ ହେଲ୍‌ଥମ୍ୟାପ୍ ୨୩ଟି ଅତିରିକ୍ତ ସେଂଟର୍ ସହିତ ଏହାର ଉପସ୍ଥିତି ବିସ୍ତାର କରିଛି। ଏଥିସହିତ ୧୬ଟି ରାଜ୍ୟରେ କମ୍ପାନୀର ସେଂଟର୍ ସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱରେ ପହଂଚିଛି ଯାହା ଏକ ପ୍ରମୁଖ ଇଂଟିଗ୍ରେଟେଡ୍ ଡାଇଗ୍ନୋସିସ୍ ସର୍ଭିସେସ ବ୍ରାଣ୍ଡ ଭାବେ ଏହାର ସ୍ଥିତିକୁ ସୁଦୃଢ କରିଛି। ମଣିପାଲ ହେଲ୍‌ଥମ୍ୟାପ୍ ନଗଦ ଟ୍ରାନ୍ସନରେ ୧୦୦ କୋଟି ଟଙ୍କା ବିନିମୟରେ ଏପ୍ରିଲ ୨୦୨୨ରେ ମେଡିସିସ୍ ପାଥ୍‌ଲ୍ୟାବ୍‌ର ୮୪% ଅଂଶଧନ କ୍ରୟ କରିଥିଲା। ପରେ ସଦ୍ୟତମ ଟ୍ରାନ୍ସନରେ କମ୍ପାନୀ ଅବଶିଷ୍ଟ ୧୬% ଅଂଶଧନ ମଧ୍ୟ କ୍ରୟ କରିଛି। ଏହି ଅଧିଗ୍ରହଣ ସମ୍ପର୍କରେ ମଣିପାଲ ହେଲ୍‌ଥମ୍ୟାପ୍‌ର ସିଇଓ ଡ଼ଃ (କ୍ୟାପ୍ଟେନ) ସନ୍ଦୀପ ଶର୍ମା କହିଛନ୍ତି, ' ମଣିପାଲ ଗ୍ରୁପ୍ ମଧ୍ୟରେ ସର୍ବବୃହତ୍ ଇଂଟିଗ୍ରେଟେଡ୍ ଡାଇଗ୍ନୋଷ୍ଟିକ୍ସ ସର୍ଭିସେସ୍ ବ୍ରାଣ୍ଡରେ ପରିଣତ ହେବା ପାଇଁ ଏହା ଆଉ ଏକ ପ୍ରୟାସ ଅଟେ। ଆମେ ମେଡ୍‌ସିସ୍ ପାଥ୍‌ଲ୍ୟାବ୍‌ସର ଅଧିଗ୍ରହଣକୁ ନେଇ ଖୁବ୍ ଆନନ୍ଦିତ, ଏହି ଅଧିଗ୍ରହଣ ସହ ଆମେ ବିଶ୍ୱସ୍ତରୀୟ ନିଦାନ ସେବା ପ୍ରଦାନ କରିବା ଲାଗି ବଡ ପଦକ୍ଷେପ ଗ୍ରହଣ କରିଛୁ। ଏହି ଅଧିଗ୍ରହଣ ସହ ଆମେ ଏବେ ୧୬ଟି ରାଜ୍ୟରେ ୫୦ ଲକ୍ଷ ସଂନ୍ତୁଷ୍ଟ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛୁ।' ଡଃ ଶର୍ମା ନିଶ୍ଚିତ କରିଛନ୍ତି ଯେ, ଡଃ ଭରତ କୁମାର ଅନଜାନି ମେଡ୍‌ସିସ୍ ପାଥ୍‌ଲ୍ୟାବ୍‌ସର ସିଇଓ ଭାବେ କାର୍ଯ୍ୟରତ ରହିବେ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ସିଏସଆର ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଦାନଗଦି,(ପି.ଏନ୍): ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ସାମାଜିକ ଦାଇତ୍ୱ ବିଭାଗ ତରଫରୁ ଏକ ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ମାଣଡିରା ସିନିଅର ସେକେଣ୍ଡାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ବିଭିନ୍ନ ବିଭାଗରୁ ୩୨ ଜଣ କର୍ମଚାରୀମାନେ ଯୋଗ ଦେବା ସହିତ ୩୫୦ ଫଳଚାରା ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ କ୍ଷେତ୍ରବାସୀ ଘଡ଼ାଇ ପ୍ରଥମ ଚାରା ଲଗାଇ ଉଦ୍ଘାଟନ କରିଥିଲେ ଏବଂ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ଚାରଓରୋପଣ କାର୍ଯ୍ୟ ସମ୍ପାଦନ ପରେ ବୃକ୍ଷରୋପଣ ସମ୍ବଧିତ ଏକ ସଚେତନତା କର୍ମଶାଳା ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ର ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀ ତପନ କୁମାର ନାୟକ ପରିଚାଳନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କର ଜନ୍ମଦିନରେ ବୃକ୍ଷରୋପଣ କରିବାପାଇଁ ପରାମର୍ଶ ପ୍ରଦାନ କରିଥିଲେ । ସିଏସଆର ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ସୁକାନ୍ତ କୁମାର ରଥ ଅଧୁନା ସମାଜରେ ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଏବଂ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବାହକ ରପେ ଅଭିହିତ କରିଥିଲେ ।ଏହି ଅବସର ରେ ଜିନ୍ଦଲ କମ୍ପାନୀ ଦ୍ୱାରା ଦାନଗଦି, ଶୋଲେଇ, ସିଙ୍ଗାଗଡ଼ିଆ ପ୍ରଭୃତି ଗ୍ରାମର କାର୍ଯ୍ୟକାରୀ ହେଉଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଉପରେ ଗ୍ରୀନ ଡ୍ରିମ ଫାଉଂଡେସନ ର ଶ୍ରୀ ଶରଦ ଯାଦବ ଆଲୋକପାତ କରିଥିଲେ ।

# ନଦୀ ପଠାରେ ଆରମ୍ଭ ହେଲାଣି ଶହ ଶହ ଇଟାଭାଟି



ପୁରୀ,୨୦।୧୦(ପି.ଏନ):ପୁରୀ ସଦର ତହସିଲ ଅନ୍ତର୍ଗତ ବୀରପ୍ରତାପପୁର, ବୀରନରସିଂହପୁର, ଗଙ୍ଗାନାରାୟଣପୁର, ବାଲିପଡା, ଗଡମୃଗଶିରା, ଚାଳିଶବାଟିଆ, ତଳଜଙ୍ଗ, କେରାଣ୍ଡିପୁର, ମାଳତୀପାଟପୁର। ସମଘରା ଏବଂ ବୀର ବଳଭଦ୍ରପୁର ପଂଚାୟତ ଭାର୍ଗବୀ ଏବଂ କଂଚି ନଦୀ କୂଳରେ ଥିବା ଗ୍ରାମ ମାନଙ୍କରେ ଶୀତ ଋତୁ ଆରମ୍ଭରେ ଶହ ଶହ ବେଆଇନ ଇଟାଭାଟି ଗଢି ଉଠିଲାଣି। ଏହି ଇଟାଭାଟି ପାଇଁ ନଦୀ ପଠାରୁ ପ୍ରତ୍ୟେହ ମାଟି ଏବଂ ବାଲି ତାଡି ମାଫିଆମାନେ ବିକ୍ରି କରି ଚାଲିଛନ୍ତି। ନଦୀ ପଠା ନଥିବାରୁ ବର୍ଷା ଦିନରେ ନଦୀ ସଲଗ୍ନ ଗ୍ରାମ ଗୁଡିକ ପାଇଁ ବର୍ତ୍ତମାନ ବିପଦ ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ପରିବେଶବିତମାନେ ଚିନ୍ତା ପ୍ରକଟ କରିବା ସହିତ ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅବଗତ କରିଛନ୍ତି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଇଟାଭାଟି ମାଫିଆଙ୍କ ବିରୋଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ପୁରୀ ଜିଲ୍ଲାରେ ୭୦ପ୍ରତିଶତ ବେଆଇନ ଇଟାଭାଟି ପୁରୀ ସଦର ଅଚଂଳରେ ରହିଥିବା ବେଳେ,ନଦୀ ସଲଗ୍ନ ଗ୍ରାମମାନଙ୍କରେ ବେଆଇନ ଇଟାଭାଟି ଗୁଡିକ କୁଟୀର ଶିଳ୍ପ ପରି ହୁ ହୁ ହୋଇ ବଢିଚାଲିଛି। ପୂର୍ବରୁ ନଦୀ ପଠାରେ ବିଭିନ୍ନ ଚାଷ ଜମି ସହିତ ପର୍ଯ୍ୟାପ୍ତ ପରିମାଣର ପନିପରିବା ଚାଷ କରାଯାଉଥିଲା। ବର୍ତ୍ତମାନ ନଦୀ ପଠା ଚାଷ ଜମି ସ୍ଥାନରେ ପୋଡାଇଟା,ଅଙ୍ଗାର ଏବଂ ପାଉଁଶ ଭର୍ତି ହୋଇ ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଇଟା ପୋଡା ଯାଉଥିବା ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବା ସହିତ ପରିବେଶ ପ୍ରଦୂଷଣ ବଢି ଚାଲିଛି। ସେଥିପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମାଟି ଉପରେ ପୋଡା ଯାଉଥିବା ଇଟାଭାଟିକୁ ବେଆଇନ ଘୋଷଣା କରିଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ବେଆଇନ ଇଟାଭାଟି ମାଫିଆଙ୍କ ଉପରେ କଡା ଆଭିମୁଖ୍ୟ ପୋଷଣ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ,ଜିଲ୍ଲା ପ୍ରଶାସନ କାହା ଇଙ୍ଗିତରେ ଏହି ମାଫିଆଙ୍କ ବିରୋଧରେ ନରମ ମନୋଭାବ ପ୍ରଦର୍ଶନ କରୁଛି,ତାହା ପରିବେଶବିତମାନଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମାଫିଆଙ୍କ ପ୍ରତି ଏଭଳି ହାଲକା ମନୋଭାବ ପ୍ରଦର୍ଶନ ଦ୍ୱାରା ପ୍ରତିବର୍ଷ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛି ବୋଲି ଜଣାପଡିଛି।। ଇଟାଭାଟି ମାଫିଆମାନେ କିଛି ତଳିଆ କର୍ମଚାରୀଙ୍କୁ ହାତ କରି ମାସିକିଆ ବଟି ଦେଇ ସେମାନଙ୍କ ବେଆଇନ କାର୍ଯ୍ୟକଳାପ ଚଳାଇଛନ୍ତି ବୋଲି ସାଧାରଣରେ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଭାର୍ଗବୀ ଏବଂ କଂଚି ନଦୀର ଏଭଳି ଦୟନୀୟ ସ୍ଥିତିକୁ ଦେଖି ପୁରୀ ସଦର ଅଚଂଳରେ କିଛି ବୁଦ୍ଧିଜୀବୀମାନେ ଏକ ଆନ୍ଦୋଳନ ମାଧ୍ୟମରେ ଭାର୍ଗବୀର ପୂର୍ବ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଅଂଟା ଭିଡିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଭାର୍ଗବୀ ବଂଚାଅ ଅନ୍ଦୋଳନକାରୀଙ୍କୁ ସହାୟତା କରାଗଲେ,ଭାର୍ଗବୀ ନଦୀ ବଂଚି ରହିବା ସହିତ ପରିବେଶ ସବୁଜ,ସୁନ୍ଦର ଏବଂ ସରସ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା ପ୍ରକାଶ ପାଇଛି। ଏ ସମ୍ପର୍କରେ ପୁରୀ ସଦର ତହସିଲଦାର ରାମ ଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ସେ କହନ୍ତି,ଆଗକୁ ଇଟାଭାଟି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଉଭୟ ଜୋରିମାନା ଏବଂ ମାମଲା ରୁଜୁ କରାଯିବ ବୋଲି ସୂଚନା ଦେଇଛନ୍ତି। ବେଆଇନ ଇଟାଭାଟି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି।

# ଆର୍ଥିକ ସହାୟତାର ହାତ ବଢାଇଲେ ଉତ୍କଳ ଓଜିବି ବିସି ସଂଘ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ଚଣ୍ଡିଖୋଲ୍ ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଥିବା ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର ବ୍ୟାବସାୟିକ ପ୍ରତିନିଧି (ବିସି)ମାନେ ମିଳିତ ହୋଇ ଅତୀ ନିକଟରେ ଘଟିଥିବା କେଶବ ଭାଇଙ୍କ ଅକାଳ ବିୟୋଗରେ ମର୍ମାତ ହୋଇ ଉତ୍କଳ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବ୍ୟାବସାୟିକ ପ୍ରତିନିଧି ସଂଘ ତରଫରୁ ତାଙ୍କର ଦଶକ୍ରିୟା କାର୍ଯ୍ୟାରେ ଆର୍ଥିକ ସହାୟତାର ହାତ ବଢାଇଥିଲେ । ସେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଥିବା ମେର୍ଦା ଶାଖାର ବ୍ୟାବସାୟିକ ପ୍ରତିନିଧି ଶ୍ରୀଯୁକ୍ତ କେଶବ ଚନ୍ଦ୍ର ସେଠୀ (୪୫) ପିତା ଶ୍ରୀବସ୍ ସେଠୀ । ସୂଚନା ମୁତାବକ ସେ ଗତ ଶନିବାର ରାତି ୧୦ଟା ସମୟରେ ଘରକୁ ଫେରିବା ସମୟରେ ପ୍ରବଳ ମାତ୍ରାରେ ବାନ୍ତି ହେବାରୁ ସେ ନିକଟସ୍ଥ ବାଲେଶ୍ୱର ମେଡିକାଲ୍ କୁ ତାଙ୍କୁ ନେଇ ଯାଇଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱର ହେବାରୁ ଡାକ୍ତର କଟକ ମେଡିକାଲ୍ ର ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ କୁ ସଂଗେ ସଂଗେ ପଠେଇ ଦେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ । ଏହି ଖବର ଶୁଣିଲା ପରେ ବିସିମାନଙ୍କ ମହଲରେ ଶୋକର ଛାୟା ଖେଳି ଯାଇଥିଲା। ସଂଘ ତରଫରୁ ତାଙ୍କ ଧର୍ମପତ୍ନୀ ଅସହାୟ ଅବସ୍ଥାରେ ଥିବା ବେଳେ ୩ ଦିନ ପରେ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଶାନ୍ତନା ପ୍ରଦାନ କରିଥିଲେ । ବର୍ତ୍ତମାନ ତାଙ୍କର ପରିବାର ପୁରୁଷ ଶୂନ୍ୟ ହୋଇଗଲା । ପରିବାର କହିଲେ ବାପା ମା' ୨ ଝିଅ ଚାରି ପ୍ରାଣୀ କୁଟୁମ୍ବର ପରିବାର । ବ୍ୟାଙ୍କ୍ ର କାର୍ଯ୍ୟ ୬ ମାସ ଧରି କାର୍ଯ୍ୟ ବନ୍ଦ ଥିବାରୁ ଆର୍ଥିକ କ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତାରେ ଗତି କରୁଥିଲେ । ଏହି ପରିସ୍ଥିତିରେ ପରିବାର ଚଳାଇବା ତାଙ୍କ ପକ୍ଷରେ ବହୁତ କଷ୍ଟ ଯୋଗୁଁ ଭାରସାମ୍ୟ ହରାଇ ବସିଥିଲେ ।ସେଥି ପାଇଁ ବିଭିନ୍ନ ପ୍ରକାର ସମସ୍ୟା ସହ ଉକ୍ତ ରକ୍ତଚାପ ବଢି ଯିବାରୁ ସେ ପ୍ରାଣ ହରାଇଛନ୍ତି । ଏହି ସମୟରେ ପରିବାର କ୍ଷତିକୁ ଧର୍ଯ୍ୟ ଧରି ରହିପାରୁ ନାହାନ୍ତି ତାଙ୍କର ପରିବାର । ସେ ଜଣେ ଭଲ ମେଳାପି ମଣିଷ ଥିଲେ ନିଜ ପଞ୍ଚାୟତରେ ଆର୍ଥିକ କାରବାରକୁ ଘରେ ଘରେ ପହଞ୍ଚାଇବାରେ ସେ ଅଗ୍ରଦୂତ ଥିଲେ । ବିସି ସଂଘର ସେ ଜଣେ ଆଗୁଆ କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ପରିବାର ଏପରି କ୍ଷତିକୁ ସ୍ଥାନୀୟ ଅଞ୍ଚଳ ଜନସାଧାରଣ ଓ ଓଜିବି ବିସି ସଂଘ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଅମର ଆତ୍ମା ସଦଗତି ନିମନ୍ତେ ବିସିମାନେ ଭଗବାନ୍ ଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ମାଟିଆଭଟା ରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦଘାଟିତ



ଖପ୍ରାଖୋଲ,(ପିଏନ): ଖପ୍ରାଖୋଲ ବ୍ଲକ ମାଟିଆଭଟା ଠାରେ ସମବାୟ ବିଭାଗ ତରଫରୁ ନୂତନ କୃଷି ସେବସମବାୟ ସମିତି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ରୂପେ ଖପ୍ରାଖୋଲ ବିଡ଼ିଓ ଆକାଶ ରଞ୍ଜନ ସାହୁ ଯୋଗଦେଇ ନଡ଼ିଆ ଭାଙ୍ଗି କାର୍ଯ୍ୟାଳୟ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସରପଞ୍ଚ ସନ୍ତୋସିନି ବରିହା , ବିଡିସିସି ବ୍ୟାଙ୍କ ସୁପରଭାଇଜର ଶ୍ରୀକାନ୍ତ ପାଣିଗ୍ରାହୀ , ସମିତି ସଭ୍ୟ ନୀଳାମ୍ବର ବରିହା , ଗୋପବନ୍ଧୁ ସାହୁ , ଶରତ ସାହୁ , କୋଦଣ୍ଡ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଏହି ସମବାୟ ସମିତି ଦ୍ୱାରା ମାଟିଆଭଟା ପଞ୍ଚାୟତ ର ଚାଷୀ ଉପକୃତ ହୋଇପାରିବେ। ଉଦଘାଟନୀ ଉତ୍ସବରେ ବିଭିନ୍ନ ଗ୍ରାମ ର ଶତାଧିକ ଚାଷୀ ଉପସ୍ଥିତ ଥିବା ବେଳେ ମଧୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଏମଏନଏସ ଦ୍ୱାରା ପ୍ରତିଷ୍ଠା ହେବ ୨୫୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସିଆଲିଷ୍ଟ ହସ୍ପିଟାଲ : ପାରାଦୀପ କୃଷକ ମଞ୍ଚର ସ୍ୱାଗତ

ପାରାଦୀପ,(ପି.ଏନ): ପୂର୍ବ ଭାରତର ଶିଳ୍ପ ପେଣ୍ଠସ୍ଥଳୀ ପାରାଦୀପ ବନ୍ଦରକୁ ଭିତ୍ତି କରି ଗଢି ଉଠିଛି ଅନେକ ବୃହତ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ଏବଂ ନିର୍ମାଣ ହେବାକୁ ଯାଉଛି ବହୁ ଶିଳ୍ପାୟାନ କ୍ଷ ସମ୍ପ୍ରତି ପାରାଦୀପରେ ଇଫକୋ ଓ ପିପିଏଲ ସାର କାରଖାନା, ତୈଳ ବିଶୋଧନାଗାର, ଆର୍ସେଲର ମିତଲ ନିପନ ଷ୍ଟିଲ (ଏଏମଏନଏସ), ଅଦାନୀ ଉଇଲମାର ଖାଦ୍ୟ ତୈଳ କାରଖାନା ସମେତ ବହୁ ଛୋଟବଡ ଶିଳ୍ପ ସଂସ୍ଥା ଗଢି ଉଠିଛି । ଏହି ସବୁ କାରଖାନା ମାନଙ୍କରେ କାର୍ଯ୍ୟ କରିଥାନ୍ତି ହଜାର ହଜାର ଶ୍ରମିକ ଓ କର୍ମଚାରୀ । ତେବେ ଶିଳ୍ପ ପ୍ରଦୂଷଣ ଯୋଗୁଁ ଏଠାରେ କାର୍ଯ୍ୟରତ ଶ୍ରମିକଙ୍କ ସମେତ ସ୍ଥାନୀୟ ପାରିପାର୍ଶ୍ୱିକ ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ବହୁ ଦୁରାରୋଗ ରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଏତଦବ୍ୟତୀତ ଶିଳ୍ପ ଜନିତ ଏବଂ ସଡକ ଦୁର୍ଘଟଣାରେ ମଧ୍ୟ ବହୁ ଲୋକ ଗୁରୁତର ଆହତ ଓ ମୃତ୍ୟୁ ମୁଖରେ ପଡୁଛନ୍ତି । ସ୍ଥାନୀୟ ଅଞ୍ଚଳ ରେ ଉନ୍ନତ ମାନର ହସ୍ପିଟାଲ ନଥିବାରୁ ବହୁ ଲୋକ କଟକ ଓ ଭୁବନେଶ୍ୱର ଭଳି ଦୂର ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ମାନେ ତତ୍କାଳୀନ ଚିକିତ୍ସା ସେବା ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଶିଳ୍ପ ସଂସ୍ଥା ମାନେ ତାଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି (ସିଏସଆର) ବିନିଯୋଗରେ ହସ୍ପିଟାଲ ଟିଏ ପ୍ରତିଷ୍ଠା କରୁନଥିବା ବେଳେ ଏ ସମସ୍ୟା ଦୂରୀଭୂତ ପାଇଁ ପାରାଦୀପ କୃଷକ ମଞ୍ଚ ପକ୍ଷରୁ ପୂର୍ବରୁ ଏଏମଏନଏସ କମ୍ପାନୀ କର୍ତ୍ତୃପକ୍ଷ ଙ୍କୁ ଏକ ଉନ୍ନତ ମାନର ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବୀ କରାଯାଇଥିଲା । ଏବଂ ଏସମ୍ପର୍କରେ କମ୍ପାନୀର ସର୍ବ ଭାରତୀୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କୃଷକ ମଞ୍ଚ ପକ୍ଷରୁ ଲିଖିତ ଭାବେ ନିବେଦନ କରାଯିବା ସହ ଆଲୋଚନା କରାଯାଇଥିଲା କ୍ଷ ଶେଷରେ ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ର ପାଞ୍ଚ ଏକର ଜମି ଉପରେ ୨୫୦ ଶଯ୍ୟା ବିଶିଷ୍ଟ ଏକ ମଲ୍ଟି ସ୍ପେସିଆଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାପଡିଛି । ସ୍ଥାନୀୟ ଅଞ୍ଚଳରେ ନିର୍ମାଣ ହେବାକୁ ଯାଉଥିବା ସର୍ବପ୍ରଥମ ଏହି ମଲ୍ଟି ସ୍ପେସିଆଲିଷ୍ଟ ହସ୍ପିଟାଲ ଉଦ୍ୟମ ପାଇଁ ପାରାଦୀପ କୃଷକ ମଞ୍ଚର ମୁଖ୍ୟ ଉପଦେଷ୍ଟା, ବରିଷ୍ଠ ଶ୍ରମିକ ନେତା ତଥା ଆଇନଜୀବୀ ଅମୃତ ଦାସ, ଉପଦେଷ୍ଟା ଅକ୍ଷୟ କର, ମଞ୍ଚ ସଭାପତି ଚିତ୍ରସେନ ରାୟ, ସମ୍ପାଦକ ଭଗବାନ ସ୍ୱାଇଁ, ଉପସଭାପତି ପ୍ରମୋଦ ଜେନା, ମିହିର ନାୟକ, ସଭ୍ୟ ଗୌରହରୀ ରାଉତ, ସୁଧୀର ରଞ୍ଜନ ମହାପାତ୍ର, ଶରତ ପଣ୍ଡା, ନାରାୟଣ ଦାସ, ଶଙ୍କର୍ଷଣ ଦାସ, ଭ୍ରମରବର ସାହୁ, ଦୁର୍ଯ୍ୟୋଧନ ରାଉତ, ଜାନକୀ ମହାରଥା ପ୍ରମୁଖ ଏଏମଏନଏସ କମ୍ପାନୀର ସର୍ବ ଭାରତୀୟ ମୁଖ୍ୟ ଦିଲ୍ଲୀପ ଓମେନ, ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ରାଜୀବ ଭଟ୍ଟନାଗର, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଜି.ସୁରେସା ପ୍ରମୁଖ ଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ ଦେବା ସହ ସାଧୁବାଦ ଜଣାଇଛନ୍ତି କ୍ଷ ତେବେ ଏହି ହସ୍ପିଟାଲ ର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ମାସରେ ଆରମ୍ଭ ହେବ ବୋଲି ଜଣାପଡିଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray